ସାପ୍ତାହିକ

Postal Regd. No.: SBP/RN-01/2022-2024

# ସ୍ୱୀକାର

The Sweekar ସ୍ୱୀକାର

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା

RNI No. 66443/94

Vol.28 | Issue - 8 | 25 February - 2 March 2024 | Sambalpur | Page- 8 | Invitation Price Rs.10


## ଓଡ଼ିଶାରେ ପ୍ରାକ୍ ନିର୍ବାଚନ ସର୍ଭେରେ ଉଭୟ ବିଜେଡି ଓ ବିଜେପିକୁ ସଫଳତା ଦାବି

ସମ୍ବଲପୁର : ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଓଡ଼ିଶାରେ ହୋଇଥିବା ପ୍ରାକ୍ ସର୍ଭେରେ ପରସ୍ପର ବିପରୀତ ରିପୋର୍ଟ ଆସିଛି । ଗୋଟିଏ ସଂସ୍ଥା ଓଡ଼ିଶାରେ ବିଜେଡିର ବିପୁଳ ବିଜୟ ହେବ ବୋଲି ରିପୋର୍ଟ ଦେଇଥିବା ବେଳେ ଅନ୍ୟ ଏକ ସଂସ୍ଥା ବିଜେପି ରାଜ୍ୟରେ କ୍ଷମତାସୀନ ହେବ ବୋଲି କହିଛି । ଏନେଇ ଜନସାଧାରଣରେ ଦ୍ୱନ୍ଦ ସୃଷ୍ଟି ହୋଇଛି ।

ବିଜୁ ଜନତା ଦଳ ଆସନ୍ତା ସାଧାରଣ ନିର୍ବାଚନରେ ୧୮ଟି ଲୋକସଭା ଆସନରେ ବିଜୟୀ ହେବ ବୋଲି 'ଜନହିତ ଟାଇମ୍ସ' ପକ୍ଷରୁ ହୋଇଥିବା ପ୍ରାକ୍ ନିର୍ବାଚନ ସର୍ଭେରେ କୁହାଯାଇଛି । ଏହା ହେଲେ ଗତ ନିର୍ବାଚନ ତୁଳନାରେ ଦଳ ଓଡ଼ିଶାରେ ଅଧିକ ୬ଟି ଏମପି ଆସନ ଦଖଲ କରିବ ।

ସର୍ଭେ ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୧୯ରୁ ୨୪ ମଧ୍ୟରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଅଧିକ ବଢ଼ିଛି । ସରକାର ବହୁ ଜନକଲ୍ୟାଣ ଯୋଜନା ହାତକୁ ନେଇଛନ୍ତି । ନବୀନଙ୍କ ବହୁ ଯୁଗାନ୍ତକାରୀ ପଦକ୍ଷେପ ବିଜେଡିର ଭୋଟବ୍ୟାଙ୍କ ବୃଦ୍ଧିରେ ସହାୟକ ହୋଇଛି । ନବୀନଙ୍କ ଲୋକପ୍ରିୟତା ଆଧାରରେ ବିଜେଡିର ଭୋଟ ପ୍ରତିଶତ ବଢ଼ିବ । ଦଳ ୧୮ଟି ଲୋକସଭା ଆସନରେ ବିଜୟୀ ହେବ । ବିଜେପି ଖାତାକୁ ଯିବ ୨ଟି ଏବଂ କଂଗ୍ରେସ ଗୋଟିଏ ଆସନରେ ବିଜୟୀ ହେବ ।

ଦଳ ପକ୍ଷରୁ ହୋଇଥିବା ସର୍ଭେ ରିପୋର୍ଟରେ ବିଜେଡି ଗତଥର ଯେଉଁ ୧୨ଟି ଆସନ ଜିତିଥିଲା ସେ ସବୁ ଆସନ ପୁଣି ଦଖଲ କରିବ । ଏହାଛଡ଼ା ଭୁବନେଶ୍ୱର, ବାଲେଶ୍ୱର ଓ ମୟୂରଭଞ୍ଜ ଲୋକସଭା ଆସନରେ ଦଳ ବିଜୟୀ ହେବ । ଏହାଛଡ଼ା ପଶ୍ଚିମ ଓଡ଼ିଶାରେ ୫ଟି ଆସନରୁ ୨ଟି ସିଟ୍ ବିଜୁ ଜନତା ଦଳ ଅକ୍ତିଆର କରିବ । କୋରାପୁଟ ଲୋକସଭା ସିଟ୍ ଏଥର ବିଜୁ ଜନତା ଦଳ ଦଖଲକୁ ଆସିବ । ଏହିଭଳି ଦଳ ୧୮ଟି ଲୋକସଭା ଆସନ ନିଜ ଦଖଲକୁ ନେବ ।

ସେହିଭଳି ବିଧାନସଭା ଆସନରେ ମଧ୍ୟ ବିଜୁ ଜନତା ଦଳ ଅଧିକ ଆସନରେ ବିଜୟୀ ହେବ । ଦଳ ୧୩୦ ବିଧାନସଭାରେ ବିଜୟୀ ହେବ ବୋଲି ଜନମତ ଟାଇମସ୍ ସର୍ଭେରୁ ଜଣାପଡ଼ିଛି । ମହିଳା, ଚାଷୀ, ଯୁବକ-ଯୁବତୀ, ଗରିବ ଲୋକମାନଙ୍କ ପାଇଁ ନବୀନ ସରକାର ବହୁ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏହା ଦଳର ଭୋଟ ହାର ବୃଦ୍ଧି କରିବ ।

ଜନମତ ଟାଇମସ୍ କହିଛି ଯେ, କିଛି ସର୍ଭେରେ ବିଜୁ ଜନତା ଦଳର ବିଜୟକୁ ନେଇ ଭିନ୍ନ ଆକଳନରେ ବହୁ ତ୍ରୁଟି ରହିଛି । ବାସ୍ତବରେ ରାଜ୍ୟର ଭୋଟବ୍ୟାଙ୍କରେ ଅନୁସୂଚିତ ଜାତି ଓ ଜନଜାତି ଭୋଟରଙ୍କ ବଡ଼ ଭାଗିଦାରିତା ରହିଛି । ମାତ୍ର ଅନ୍ୟ ଜାତୀୟ ସର୍ଭେ ସଂସ୍ଥା ଟେଲିଫୋନ ଯୋଗେ ସର୍ଭେ କରିଥିଲେ । ଅନୁସୂଚିତ ଜାତି ଓ ଜନଜାତି ଭୋଟରଙ୍କ ପାଖରେ ମୋବାଇଲ ଫୋନ ଉପଲବ୍ଧ ନଥିବାରୁ ସହରାଞ୍ଚଳରୁ ଫୋନ ଯୋଗେ ସର୍ଭେ କରାଯାଇଥିଲା । ଯେଉଁଥିରେ ବାସ୍ତବତା କମ୍ ଥିଲା । ଏହାକୁ ଦେଖିଲା ପରେ ଜନମତ ଟାଇମସ୍ ପକ୍ଷରୁ ତୃଣମୂଳସ୍ତରରୁ ସର୍ଭେ କରାଯାଇଥିଲା । ଏହି ସର୍ଭେ ସଂପୂର୍ଣ୍ଣ ସ୍ୱଚ୍ଛ ପ୍ରକ୍ରିୟାରେ କରାଯାଇଛି । ଅନ୍ୟ ପକ୍ଷରେ ଓଡ଼ିଶାରେ ବିଜେପିକୁ ୨୦ ଲୋକସଭା ସିଟ୍ ମିଳିବ ବୋଲି ଫେଡେରାଲ- ପୁଥିଯାଥାଲାମୁରାଇ ତାଙ୍କର ସର୍ଭେ ରିପୋର୍ଟ ଦେଇଛି । ଏହି ଜାତୀୟ ସର୍ଭେ ରିପୋର୍ଟକୁ ଆଧାର କରି ବିଜେପି ସୋସିଆଲ ମିଡିଆ ଇନଚାର୍ଜ ଅମିତ୍ ମାଲଭୀୟ କହିଛନ୍ତି ବିଜେପି ପ୍ରତି ଓଡ଼ିଶାରେ ଲୋକଙ୍କ ସମର୍ଥନ ବଢ଼ି ଚାଲିଛି । ଏଥର ଆମକୁ ୨୦ ଏମପି ସିଟ୍ ମିଳିବା ଜାତୀୟ ଗଣମାଧ୍ୟମ ସର୍ଭେ ରିପୋର୍ଟ ସ୍ପଷ୍ଟ କରୁଛି ।

ଶ୍ରୀ ମାଲଭୀୟ ଦର୍ଶାଇଛନ୍ତି, ସର୍ଭେ ରିପୋର୍ଟ କହୁଛି ଆସନ୍ତା ଭୋଟରେ ଲୋକସଭା ଭୋଟରେ ବିଜେପିକୁ ୫୪.୯୦ ଭୋଟ ମିଳିବ । ବିଜେଡି ମାତ୍ର ୧୯.୩୫% ଭୋଟ ପାଇ ଗୋଟିଏ ଏମ୍.ପି ସିଟ୍‌ରେ ବିଜୟୀ ହେବ । ୨୦୧୯ ନିର୍ବାଚନରେ ଓଡ଼ିଶାରେ ବିଜେପି ୩୮.୪୦% ଭୋଟ ପାଇ ୮ଟି ଲୋକସଭା ଆସନ ଅକ୍ତିଆର କରିଥିଲା । ବିଜୁ ଜନତା ଦଳ ୪୨.୮୦% ପାଇ ୧୨ ଏମ୍.ପି ସିଟରେ ବିଜୟୀ ହୋଇଥିଲା । କଂଗ୍ରେସ ମାତ୍ର ୧୩.୪୦% ଭୋଟ ପାଇ ଗୋଟିଏ ଆସନ ଦଖଲ କରିବାକୁ ସକ୍ଷମ ହୋଇଥିଲା ।

ସର୍ଭେ ରିପୋର୍ଟ କହୁଛି, ଆସନ୍ତା ନିର୍ବାଚନରେ ବିଜେପିର ଭୋଟହାର ୧୬.୫୦% ବୃଦ୍ଧି ପାଇବ । ଅନ୍ୟପକ୍ଷରେ ବିଜେଡିର ଭୋଟହାର ୨୨.୪୫% ଖସିବ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୃଢ଼ ନେତୃତ୍ୱ ଓ ଗ୍ୟାରେଣ୍ଟି ଓଡ଼ିଶାରେ ବିଜେପିକୁ ବଡ଼ ସଫଳତା ଦେବ ବୋଲି ଶ୍ରୀ ମାଲଭୀୟ ଦାବି କରିଛନ୍ତି ।

## ନରେନ୍ଦ୍ର ମୋଦି ସବୁଠୁ ଲୋକପ୍ରିୟ ବିଶ୍ୱନେତା



ନୂଆଦିଲ୍ଲୀ : ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ଭାବେ ପୁଣିଥରେ ଉଭା ହୋଇଛନ୍ତି । ତାଙ୍କର ଅନୁମୋଦନ ରେଟିଂ ସର୍ବାଧିକ ୭୮ ପ୍ରତିଶତ ରହିଛି । ଆମେରିକାର ଗୋଇନ୍ଦା ଏଜେନ୍ସି ମର୍ନିଂ କନ୍‌ସଲ୍ଟ ପକ୍ଷରୁ ଏହି ସର୍ଭେ କରାଯାଇଥିଲା । ଉକ୍ତ ସର୍ଭେରେ ମେକ୍ସିକୋ ରାଷ୍ଟ୍ରପତି ଆଣ୍ଡ୍ରେସ୍ ମାନୁଏଲ୍ ଲୋପେଜ୍ ୬୫ ପ୍ରତିଶତ ଆପ୍ରୁଭାଲ ରେଟିଂ ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ୬୩ ପ୍ରତିଶତ ରେଟିଂ ସହ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଏର ମିଲେଇ ତୃତୀୟ ସ୍ଥାନରେ ରହିଛନ୍ତି । ବିଶ୍ୱର ଲୋକପ୍ରିୟ ନେତାଙ୍କ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୧୧ତମ ସ୍ଥାନରେ ରହିଥିବାବେଳେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ୧୭ତମ ଏବଂ ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ ୨୦ତମ ସ୍ଥାନରେ ରହିଛନ୍ତି । ଜାନୁଆରୀ ୩୦ରୁ ଫେବୃଆରୀ ୫ ମଧ୍ୟରେ ସଂଗୃହୀତ ତଥ୍ୟ ଆଧାରରେ ଏହି ରେଟିଂ କରାଯାଇଛି ।

## ସମ୍ବଲପୁରରେ ଭାରତର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟିତ




ସମ୍ବଲପୁର : ଭାରତର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟର (ଏସ୍‌ଆଇସି) କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି କେନ୍ଦ୍ରରେ ସ୍ୱଳ୍ପ ମୂଲ୍ୟର ପାଠ୍ୟକ୍ରମ ପ୍ରଚଳନ ବୃହତ ଯୁବକମାନଙ୍କୁ ସଶକ୍ତ କରିବ ଏବଂ ସେମାନଙ୍କୁ ବିକଶିତ ନିଯୁକ୍ତି ବଜାରର ଅଂଶ ରେ ପରିଣତ କରିବ । ଗଣମାଧ୍ୟମ ଓ ମନୋରଞ୍ଜନ, ଚମଡ଼ା, ପର୍ଯ୍ୟଟନ ଓ ଆତିଥେୟତା ଏବଂ ଆଇଟି-ଆଇଟିଇଏସ୍ ଭଳି ଅଧିକ ଚାହିଦା ଥିବା ବାଣିଜ୍ୟରେ ଯୁବ ଶକ୍ତିର ଦକ୍ଷତା ଏବଂ ଜ୍ଞାନ ବୃଦ୍ଧି ପାଇଁ ଏହି ପଦକ୍ଷେପ ନିଆଯାଇଛି ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଯେ, ଏକବିଂଶ ଶତାବ୍ଦୀରେ ବିକାଶ ଯାତ୍ରାକୁ ଆଗକୁ ବଢ଼ାଇବା ପାଇଁ ଭାରତକୁ କୁଶଳୀ ଓ ଦକ୍ଷ କର୍ମଚାରୀଙ୍କ ଆବଶ୍ୟକତା ରହିଛି । ନୂତନ ଯୁଗ ଏବଂ ଭବିଷ୍ୟତର ଦକ୍ଷତା ବିଶ୍ୱ ବଜାରରେ ଯଥେଷ୍ଟ ଅଧିକ ମୂଲ୍ୟରେ ଉପଲବ୍ଧ ହେଉଛି ଏବଂ ଏହାକୁ ସାକାର କରି ଆମେ ଗୁଣାତ୍ମକ ଶିକ୍ଷାର ଉପଲବ୍ଧତାକୁ ଗଣତାନ୍ତ୍ରିକ କରିବା ଏବଂ ଆଶାୟୀ ଯୁବକମାନଙ୍କ ପାଇଁ ଏକ ସମାନ ସୁଯୋଗ ପ୍ରତିଷ୍ଠା କରିବାକୁ କଳ୍ପନା କରୁଛୁ ବୋଲି ସେ କହିଥିଲେ ।

ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ (ଏମ୍.ଅସ୍.ଡି)ର ସଚିବ ଅତୁଲ କୁମାର ତିୱାରୀ ଏବଂ ଏନ୍‌ଏସ୍‌ଡିସି ଇଣ୍ଟର ନ୍ୟାସନାଲ୍ ସିଇଓ ତଥା ଏମ୍ ଡି ବେଦ ମଣି ତିୱାରୀ ମଧ୍ୟ ଏଥିରେ ଭାଷଣ ଦେଇଥିଲେ ।



## ଦେଶରେ ନବୀନ ସବୁଠୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଦେଶରେ ପୁଣିଥରେ ଏକନମ୍ବର ମୁଖ୍ୟମନ୍ତ୍ରୀ ହୋଇଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସର୍ବାଧିକ ଲୋକପ୍ରିୟତା କ୍ଷେତ୍ରରେ ନବୀନ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ପଛରେ ପକାଇଛନ୍ତି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱକର୍ମାଙ୍କ ଲୋକପ୍ରିୟତା ନବୀନଙ୍କଠୁ କମ୍ ଥିବା ସଦ୍ୟ ସର୍ବେକ୍ଷଣରୁ ଜଣାପଡ଼ିଛି । ଦେଶର ମୁଖ୍ୟମନ୍ତ୍ରୀମାନଙ୍କ ଲୋକପ୍ରିୟତା ଏବଂ ଆପ୍ରୁଭାଲ ରେଟିଂ ଜାଣିବାକୁ 'ଇଣ୍ଡିଆ ଟୁଡେ' ପକ୍ଷରୁ ନିକଟରେ ସର୍ବେକ୍ଷଣ କରାଯାଇଥିଲା । 'ଇଣ୍ଡିଆ ଟୁଡେ' ମୁଡ୍ ଅଫ୍ ଦି ନେସନ୍ ସର୍ଭେ ମୁତାବକ, ନବୀନ ପଟ୍ଟନାୟକ ଦେଶର ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ।



ନବୀନଙ୍କ ଲୋକପ୍ରିୟତା ରେଟିଂ (ମୂଲ୍ୟାୟନ) ୫୨.୭% ରହିଛି । ନବୀନଙ୍କ ତଳକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ତାଙ୍କର ଲୋକ-ପ୍ରିୟତା ରେଟିଂ ରହିଛି ୫୧.୩% । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ୪୮.୬% ରେଟିଂ ସହ ତୃତୀୟ ସ୍ଥାନରେ ରହିଛନ୍ତି । ତାଙ୍କ ତଳକୁ ଚତୁର୍ଥ ସ୍ଥାନରେ ଅଛନ୍ତି ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ । ତାଙ୍କୁ ମିଳିଛି ୪୨.୬% ରେଟିଂ । ତ୍ରିପୁରା ମୁଖ୍ୟମନ୍ତ୍ରୀ ଡ. ମାଣିକ ସାହା ୪୧.୪% ଲୋକପ୍ରିୟତା ରେଟିଂ ପାଇ ୫ମ ସ୍ଥାନରେ ରହିଛନ୍ତି । ପ୍ରଥମ ୫ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ତାଲିକାରେ କଂଗ୍ରେସ କିମ୍ବା ଅନ୍ୟ ଦଳ ଶାସିତ ରାଜ୍ୟର କୌଣସି ମୁଖ୍ୟମନ୍ତ୍ରୀଙ୍କ ନାଁ ନାହିଁ । ତାଲିକାରେ ପ୍ରଥମ ନାଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରହିଥିବାବେଳେ ବାକି ୪ ମୁଖ୍ୟମନ୍ତ୍ରୀ ବିଜେପି ଶାସିତ ରାଜ୍ୟର ଅଟନ୍ତି ।

କେବଳ ଏଥର ନୁହେଁ ବିଭିନ୍ନ ସର୍ବେକ୍ଷଣରେ ନବୀନ ଦେଶର ଅନ୍ୟ ମୁଖ୍ୟମନ୍ତ୍ରୀ ମାନଙ୍କଠାରୁ ଆଗରେ ରହିଆନ୍ତି । ବାରମ୍ବାର ସେ ଦେଶର ଏକନମ୍ବର ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଓଡ଼ିଶାର ଅପ୍ରତିଦ୍ୱନ୍ଦୀ ଏବଂ ସଫଳ ଶାସକ ଭାବେ ନବୀନ ତାଙ୍କ ଯାତ୍ରା ଜାରି ରଖିଛନ୍ତି । ଗତ ସପ୍ତାହରେ ଇଣ୍ଡିଆ ଟୁଡେ ମୁଡ୍ ଅଫ୍ ଦ ନେସନ୍ ସର୍ଭେରେ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ତାଲିକାରେ ନବୀନଙ୍କୁ ଦେଶର ଏକନମ୍ବର ମୁଖ୍ୟମନ୍ତ୍ରୀ ଭାବେ ସ୍ଥାନିତ କରାଯାଇଥିଲା ।

ସୂଚନାଯୋଗ୍ୟ, ୨୦୦୦ ମସିହାରୁ ଏପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ନବୀନ ରାଜ୍ୟବାସୀଙ୍କ ସେବା କରିଚାଲିଛନ୍ତି । ଦୀର୍ଘଦିନ ଧରି ଶାସନରେ ରହିଥିଲେ ବି ଲୋକପ୍ରିୟତା ତାଙ୍କର କମିନି । ପ୍ରତିଥର ଭୋଟ ହାର ବଢ଼ିବାରେ ଲାଗିଛି । ୨୦୨୪ରେ ଜିତିଲେ ନବୀନ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ହୋଇ ଦେଶରେ ରେକର୍ଡ ସୃଷ୍ଟି କରିବେ ।

## ଏ ସଂଖ୍ୟାରେ..



ଦେହକୁ ଉତ୍ତମ ପାନ



ଥଣ୍ଡାରୁ ରକ୍ଷା କରିବ ଦହି



ଆମ୍ବ ଖାଇବାର ଲାଭ



ରୋଗ ଦୂର କରିବ ଅଁଳା



ଅର୍ଶ ରୋଗ ପାଇଁ ମୂଳା



ଗୁଜୁରାତିର ଉପକାରିତା

# ବିନା ଅନୁମତିରେ ବେଦାନ୍ତର ଟାଉନ୍‌ସିପ୍ ନିର୍ମାଣ ବାବଦରେ ମାମଲା ରୁଜୁ ପାଇଁ କୋର୍ଟର ନିର୍ଦ୍ଦେଶ

ଝାରସୁଗୁଡ଼ା : ବିନା ଅନୁମତିରେ ଗଢ଼ି ଉଠିଥିବା ବେଦାନ୍ତ ଟାଉନ୍‌ସିପ୍ ନିର୍ମାଣ ପ୍ରସଙ୍ଗରେ ବେଦାନ୍ତ ସିଇଓ ସୁନୀଲ ଗୁପ୍ତା ଓ ଝାରସୁଗୁଡ଼ାର ପୂର୍ବତନ ପୌର ନିର୍ବାହୀ ଅଧିକାରୀ ମନୋଜ ତାଣ୍ଡିଙ୍କ ବିରୋଧରେ ମାମଲା ରୁଜୁ ହେବ । ଝାରସୁଗୁଡ଼ା ଜେଏମ୍‌ଏଫ୍‌ସି ଏନେଇ ବଡ଼ମାଳ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଝାରସୁଗୁଡ଼ା ସୁନାରୀମୁଣ୍ଡାରେ ୫୬.୪୬୩ ଏକର ଜମିରେ ଏହି ଟାଉନ୍‌ସିପ୍ ଗଢ଼ିଉଠିଛି । ମାତ୍ର, ଏଥିପାଇଁ ବେଦାନ୍ତ ଆବଶ୍ୟକ ଅନୁମତି ନେଇ ନ ଥିଲା କି ରାଜ୍ୟ ସରକାରଙ୍କ ନିକଟରେ ଫି' ମଧ ଜମା କରି ନ ଥିଲା । ଫଳରେ, ୨୦୧୩ ମସିହାରେ ଝାରସୁଗୁଡ଼ା ମ୍ୟୁନିସିପାଲଟି ପକ୍ଷରୁ ବେଦାନ୍ତକୁ ଚିଠି ପଠାଇ ବେଆଇନ ଭାବେ ନିର୍ମାଣ କରାଯାଇଥିବାରୁ ଉକ୍ତ ଟାଉନ୍‌ସିପକୁ ଅବୈଧ ଘୋଷଣା କରାଗଲା ବୋଲି ଜଣାଇ ଦିଆଯାଇଥିଲା । ସେହିପରି, ୨୦୧୪ ମସିହା ଜାନୁଆରି ୧୦ ତାରିଖରେ ଝାରସୁଗୁଡ଼ା ମ୍ୟୁନିସିପାଲଟି ବେଦାନ୍ତର ତତ୍କାଳୀନ ସିଇଓ ଅଭିଜିତ ପତିଙ୍କୁ ଚିଠି ଲେଖି ବେଆଇନ କୋଠା ନିର୍ମାଣ ପାଇଁ ନୋଟିସ୍ ଜାରି କରିଥିଲେ । ଯେଉଁଥିରେ ବେଦାନ୍ତ ଜେଆର୍‌ଆଇଟି ନିକଟରୁ ୩ ମହଲା କୋଠା ପାଇଁ ଅନୁମତି ନେଇ ବେଆଇନ ଭାବେ ଏହାଠାରୁ ଅଧିକ ମହଲା ନିର୍ମାଣ କରିଥିବା ଦର୍ଶାଯାଇଥିଲା ।

୨୦୧୧ ତୁଳନାରେ ଟାଉନ୍‌ସିପ୍‌ର ଆୟତନ ଓ ନିର୍ମାଣ ପ୍ରାୟ ୫ ଗୁଣ ସମ୍ପ୍ରସାରିତ ହୋଇଥିବା ବେଳେ ବେଦାନ୍ତ ବର୍ଦ୍ଧିତ ଆୟତନ ଅନୁସାରେ 'ମ୍ୟୁନିସିପାଲଟିକୁ ଟିକସ ପୈଠକରୁ ନ ଥିବା ଅଭିଯୋଗ ହୋଇଥିଲା । ଯାହାଦ୍ୱାରା ମ୍ୟୁନିସିପାଲଟି ଏହାମଧରେ ୧୦୦ କୋଟିରୁ ଅଧିକ ଟଙ୍କାର କ୍ଷତି ସହିଲାଣି । ଏଥିରେ ପୂର୍ବତନ ପୌର ନିର୍ବାହୀ ଅଧିକାରୀ ମନୋଜ ତାଣ୍ଡିଙ୍କ ସମ୍ପୃକ୍ତିକୁ ନେଇ ବି ଅଭିଯୋଗ ହୋଇଥିଲା ।

ଏଥିସହିତ ଟାଉନସିପର ଆପାର୍ଟମେଣ୍ଟ ଗୁଡ଼ିକରେ ଆବଶ୍ୟକ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ନିର୍ଗତ ବର୍ଜ୍ୟ ଜଳ ସିଧାସଳଖ ଭେଡ଼େନ ନଦୀ ଦେଇ ହୀରାକୁଦ ଜଳଭଣ୍ଡାରରେ ପ୍ରବେଶ କରୁଥିବା ପରିବେଶବିତ୍ 'ସତ୍ୟନାରାୟଣ ରାଓ ଗତ ଜାନୁଆରି ୧୩ ତାରିଖରେ ବଡ଼ମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ, ପୁଲିସ୍ ତାହା ଗ୍ରହଣ ନ କରିବାରୁ ସେ ରେଜିଷ୍ଟ୍ରି ଡାକ ମାଧମରେ ଉକ୍ତ ଏତଲା ବଡ଼ମାଳ ଥାନା, ଝାରସୁଗୁଡ଼ା ଏସ୍‌ଡିପିଓ ଓ ଏସ୍‌ପିଙ୍କ ନିକଟକୁ ପଠାଇଥିଲେ । ତଥାପି ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହାପରେ କୋର୍ଟ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି କମ୍ପାନୀ ବେଦାନ୍ତ ଟାଉନସିପ୍‌ରେ କମରସିଆଲ୍ ସିନେମା ହଲ୍ ନିର୍ମାଣ କରି ଟଙ୍କା ରୋଜଗାର କରୁଥିଲେ ହେଁ ଏ ବାବଦରେ ସରକାରଙ୍କୁ କୌଣସି ରାଜସ୍ୱ ଦେଉନାହିଁ । ଏହାଛଡ଼ା ଲଘୁ ଖଣିଜ ବାବଦରେ ମଧ ରାଜ୍ୟ ସରକାରଙ୍କୁ ବେଦାନ୍ତ କମ୍ପାନୀ ରୟାଲଟି ବାବଦରେ କୌଣସି ଅର୍ଥ ଦେଉ ନାହିଁ ବୋଲି ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘର ଆବାହକ ସତ୍ୟନାରାୟଣ ରାଓ ଅଭିଯୋଗ କରିଛନ୍ତି ।

## ସୁବର୍ଣ୍ଣପୁର ଜିଲ୍ଲାର କେନ୍ଦ୍ରୀୟ ବିଦ୍ୟାଳୟର ନୂତନ କ୍ୟାମ୍ପସର ଉଦଘାଟନ

ସୋନପୁର : ସୁବର୍ଣ୍ଣପୁର ଜିଲ୍ଲାର କେନ୍ଦ୍ରୀୟ ବିଦ୍ୟାଳୟର ନୂତନ କ୍ୟାମ୍ପସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାମ୍ମୁ କାଶ୍ମୀରରୁ ଆଭାସୀ ଜରିଆରେ ଉଦଘାଟନ କରିଛନ୍ତି । ସୁବର୍ଣ୍ଣପୁର କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ବଳରାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନୀ ସମାରୋହରେ ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହ ଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧକ୍ଷା ସୁପାର ଠେଲା, ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନ୍ୟା ଦାଶ ପ୍ରମୁଖ ଯୋଗଦାନ କରିଥିଲେ ।




## ଲକ୍ଷ୍ୟ ପ୍ରାପ୍ତି

ଏ ସୃଷ୍ଟିରେ ପ୍ରତ୍ୟେକ ଜିନିଷ ଏକ ବିଧାନ ଅନ୍ତର୍ଗତ କାର୍ଯ୍ୟ କରୁଛି । ଜୀବନରେ ସଫଳତାର ବି ନିୟମ, ବ୍ୟବସ୍ଥା ରହିଛି । ଏଗୁଡ଼ିକୁ ବୁଝି ଯଦି କେହି ଆଗକୁ ବଢ଼େ, ତ ଜୀବନରେ ଆଜି ନ ହେଲେ କାଲି ସଫଳତା ମିଳିବା ସୁନିଶ୍ଚିତ । ପ୍ରତ୍ୟେକ ସଫଳ ବ୍ୟକ୍ତିର ଜୀବନକୁ ନିରିଖି ଦେଖିଲେ ବୁଝିହୁଏ ଯେ ଲକ୍ଷ୍ୟ ପ୍ରତି ଅତୁଟ ବିଶ୍ୱାସ, ଦୃଢ଼ ନିଶ୍ଚୟ, ଅନବରତ ପ୍ରୟାସ ଓ ଏକାଗ୍ରଚିତ୍ତର ଅଭ୍ୟାସ ତାଙ୍କର ଆଧାରଭୂତ ତତ୍ତ୍ୱ ହୋଇଥାଏ ।

କୌଣସି ବସ୍ତୁକୁ ପ୍ରାପ୍ତ କରିବା ପାଇଁ ତାହା ଉପରେ ବିଚାର କରିବା ବହୁତ ଆବଶ୍ୟକ । ଆମେ ତାହାର ଯେତିକି ଧାନ କରୁ, ସେତିକି ତାହା ଆମ ପାଖକୁ ଟାଣି ହୋଇ ଆସେ ଏବଂ ଆମେ ତାହାକୁ ପ୍ରାପ୍ତ କରିବାର ସଫଳତା ଉପରେ ସନ୍ଦେହ କରିବା ମାତ୍ରେ ତାହା ଆମ ଠାରୁ ଦୂରେଇ ଯାଏ । ଯଦି ଆମେ ଇଚ୍ଛାନୁରୂପ ପ୍ରୟାସ ନ କରିବା ତ ମନ ମୁତାବକ ସଫଳତାର ଆଶା କରି ପାରିବା ନାହିଁ ।

ଯଦି ଆପଣଙ୍କ ହୃଦୟରେ କୌଣସି ପଦାର୍ଥକୁ ପାଇବାର ଇଚ୍ଛା ଜାଗ୍ରତ ହୋଇଯାଏ, ତାହେଲେ ପରମାତ୍ମା ସେହି ପଦାର୍ଥ ଆପଣଙ୍କ ପାଇଁ ସୁରକ୍ଷିତ କରି ଦେଇଛନ୍ତି ବୋଲି ମାନିବାକୁ ହେବ । ତାପରେ ଆପଣ ନିରାଶାର ଝୁଲଣାରେ ଯେତେ ଝୁଲିଲେ ମଧ, ଅନ୍ଧାରରେ ଭ୍ରମିତ ହେଲେ ମଧ, ଏକଥା ଉପରେ କୌଣସି ଚିନ୍ତା କରନ୍ତୁ ନାହିଁ । ବାସ୍, ଏହାକୁ ପାଇବା ପାଇଁ ଆପଣଙ୍କ ହୃଦୟରେ ଇଚ୍ଛା ଜାଗ୍ରତ ରହିବା ଦରକାର । ଯଦି ଆପଣଙ୍କ ସଂକଳ୍ପ ଦୃଢ଼, ନିଷ୍ଠା ଅତୁଟ, ତାହେଲେ ଆପଣଙ୍କୁ ସେହି ସଫଳତା ଅବଶ୍ୟ ମିଳିବ । ଆପଣ କେବଳ ନିରନ୍ତର ତାହାର ସ୍ୱପ୍ନ ଦେଖନ୍ତୁ, ଲକ୍ଷ୍ୟ ଦିଗରେ ଅପାର ବିଶ୍ୱାସର ସହିତ ଅଗ୍ରସର ହେଉଥାନ୍ତୁ ।

ଏପରି ଅନେକ ସଫଳ ଲୋକ ଅଛନ୍ତି, ଯେଉଁମାନଙ୍କ ସଫଳତା ଉପରେ ଲୋକେ ପ୍ରାରମ୍ଭରେ ସନ୍ଦେହ କରିଥିଲେ, ସେମାନଙ୍କ ସ୍ୱପ୍ନକୁ ପରିହାସ କରିଥିଲେ ଏବଂ ସେମାନେ କେବେ ବି ସେହି ଲକ୍ଷ୍ୟକୁ ହାସଲ କରି ପାରିବେ ନାହିଁ କହି ବ୍ୟଙ୍ଗ କରିଥିଲେ, କିନ୍ତୁ ସେମାନଙ୍କ ନିଶ୍ଚୟ ଅଟଳ ରହିଲା । ନିଜର ପ୍ରୟାସରେ ସେମାନେ ନିରନ୍ତର ସୁଧାର କରି ଚାଲିଲେ ଏବଂ ନିଜ ଲକ୍ଷ୍ୟ ଦିଗରେ ବଢ଼ି ଚାଲିଲେ ତଥା ଦିନେ ନିର୍ଦ୍ଧାରିତ ଲକ୍ଷ୍ୟର ଶିଖରରେ ପତାକା ଉଡ଼ାଇ ଜଗତକୁ ଚକିତ କରିଦେଲେ ।

ଏହା ଦେଖି ବିରୋଧୀମାନଙ୍କ ସ୍ୱର ଓଲଟି ଗଲା, ସେମାନେ ସେମାନଙ୍କ ଉନ୍ନତିର ଗୁଣଗାନ କରିବାରେ ଲାଗିଲେ ଏବଂ ସେମାନଙ୍କ ସଫଳତାର ରହସ୍ୟ ଉପରେ ବିଚାର କଲେ । ଏହି ସଫଳ ବ୍ୟକ୍ତିମାନଙ୍କ ସଫଳତାର ରହସ୍ୟ ମାତ୍ର ଏତିକି ଥିଲା ଯେ ସେମାନେ ନିଜର ସମସ୍ତ ଶକ୍ତିକୁ ଲକ୍ଷ୍ୟ ଉପରେ କେନ୍ଦ୍ରିତ ରଖିଲେ । ଧେୟ ପ୍ରାପ୍ତି ହେତୁ ନିଜର ସମସ୍ତ ସାଧନ ଲଗାଇ ଦେଲେ । ପ୍ରାରମ୍ଭିକ କଠିନତା ସତ୍ତ୍ୱେ ଯେବେ ସେମାନେ ନିଜ ପ୍ରୟାସରେ ଦୃଢ଼ ରହିଲେ ତ ସମୟ କ୍ରମେ ଅପ୍ରତ୍ୟାଶିତ ରୂପେ ଈଶ୍ୱରୀୟ ସହାୟତା ମଧ ସେମାନଙ୍କୁ ମିଳି ଚାଲିଲା ।

ବାସ୍ତବରେ ଯେତେବେଳେ ଆମେ ପୂରା ହୃଦୟର ସହ କୌଣସି ଜିନିଷକୁ ଚାହିଁଥାଉ ଏବଂ ଏଥି ନିମନ୍ତେ ପ୍ରତ୍ୟେକ ନିର୍ଦ୍ଧାରିତ କଷଟିରେ ଶୁଦ୍ଧ ପ୍ରମାଣିତ ହୋଇଥାଉ, ତ ପୂରା ସଂସାର ଯେମିତି ଆମ ପକ୍ଷରେ ଠିଆ ହୋଇଯାଏ ଏବଂ ଆବଶ୍ୟକ ସମ୍ବଳ ଓ ସହଯୋଗ ମିଳିବା ପ୍ରାରମ୍ଭ ହୋଇଯାଏ । ଏସବୁ ନିଜ ହୃଦୟରେ ଉଠିଥିବା ଅଦମ୍ୟ ଓ ଐକାନ୍ତିକ ଇଚ୍ଛାଶକ୍ତିର ସ୍ୱାଭାବିକ ପରିଣାମ ହୋଇଥାଏ ।

ବସ୍ତୁତଃ ପ୍ରତ୍ୟେକ ଶ୍ରେଷ୍ଠ ଇଚ୍ଛା ବା କାମନା ଈଶ୍ୱରୀୟ କୃପା ବା ପ୍ରେରଣାରୁ ହିଁ ଜନ୍ମ ନେଇଥାଏ । ଈଶ୍ୱର ପ୍ରତ୍ୟେକ ବ୍ୟକ୍ତିକୁ ବିଶିଷ୍ଟ ଉଦ୍ଦେଶ୍ୟ ନିମନ୍ତେ ପୃଥିବୀକୁ ପଠାଇଛନ୍ତି । ସେ ଚାହାନ୍ତି ଯେ ତାଙ୍କର ସମସ୍ତ ସନ୍ତାନ ସଫଳ ହୁଅନ୍ତୁ, ତାଙ୍କର ବିଶ୍ୱ ଉଦ୍ୟାନକୁ ଅଧିକ ସୁନ୍ଦର ଓ ସମୁନ୍ନତ କରାଇବାରେ ତାଙ୍କର ସାହାଯ୍ୟ କରନ୍ତୁ ।

ଯଦି ଆମେ ତାଙ୍କର ଇଚ୍ଛାକୁ ବୁଝିପାରୁ ନାହେଁ, ସେହି ସର୍ବଶକ୍ତିମାନଙ୍କ ଠାରୁ ସ୍ୱୟଂକୁ ଅଲଗା କରି ଦେଉଛେ, ତେବେ ଆମେ ଏକ ବଡ଼ ଭୁଲ କରୁଛେ । ନିଜର ହୃଦୟ କେନ୍ଦ୍ରରେ ବିରାଜମାନ ଈଶ୍ୱର ଓ ତାଙ୍କର ବାଣୀକୁ ଅଶୁଣା କରିଦେବା ମନୁଷ୍ୟର ବଡ଼ ଭୁଲ । ଆମେ ଅନ୍ତଃପ୍ରେରଣା ରୂପେ ଉଠୁଥିବା ଧ୍ୱନି ପ୍ରତି ସଚ୍ଚା ରହିଲେ ହିଁ ତାଙ୍କର ପୂର୍ଣ୍ଣ ସହଯୋଗ ପାଇଥାଉ ।

କଥାରେ ଅଛି, ଈଶ୍ୱର ସେମାନଙ୍କୁ ସହାୟତା କରନ୍ତି, ଯେଉଁମାନେ ନିଜର ସହାୟତା ନିଜେ କରନ୍ତି । ଯାବତୀୟ ଅଭାବ ଓ ପରିସ୍ଥିତିଗୁଡ଼ିକର ପ୍ରତିକୂଳତା ମଧରେ ସଫଳତାର ଶିଖର ଛୁଇଁଥିବା ମହାପୁରୁଷମାନଙ୍କ ଜୀବନକୁ ପଢ଼ିଲେ ଆମେ ଜାଣିପାରୁ ଯେ ସେମାନଙ୍କର ଇଚ୍ଛା-ଆକାଂକ୍ଷା ଅତ୍ୟନ୍ତ ତୀବ୍ର ଓ ସ୍ପଷ୍ଟ ଥିଲା, ଯଦ୍ୱାରା ସେମାନେ ପ୍ରଥମରୁ ନିଜ ଭିତରେ ଏହାର ଜୀବନ୍ତ ଛବି ଦେଖୁଥିଲେ । ସେମାନଙ୍କ ଅନ୍ତଃକରଣ ଜୀବନଧେୟ ପ୍ରତି ଉତ୍ସାହ ଓ ଉଲ୍ଲାସରେ ଓତପ୍ରୋତ ଥିଲା ।

ଯଦି ଆପଣଙ୍କ ମନରେ କୌଣସି ଭବନର ନକ୍ସା ତିଆରି ହୋଇପାରୁ ନାହିଁ, ତେବେ ସେହି ଘର କିପରି ତିଆରି କରିବେ ? ଅପୂର୍ଣ୍ଣ ମନରେ ପୂର୍ଣ୍ଣ ବିଶ୍ୱାସର ଅଭାବରେ ଆଗକୁ ବଢ଼ିଲେ ଛୋଟ ଛୋଟ ଅସଫଳତା ଓ ବିରୋଧ ଆପଣଙ୍କ ମନକୁ ହତାଶରେ ଭରିଦେବା ପାଇଁ ପର୍ଯ୍ୟାପ୍ତ ହୋଇଯାଏ, ଯାହା ଫଳରେ ଆପଣ ଅଭୀଷ୍ଟ ସଫଳତାରୁ ବଞ୍ଚିତ ରହିଯିବା ସ୍ୱାଭାବିକ ।

ଏପରି ସ୍ଥିତିରେ ଭଗବାନଙ୍କର, ଅନ୍ୟ କୌଣସି ବ୍ୟକ୍ତିର ବା ପରିସ୍ଥିତିର ଦୋଷ ନ ଥିବା କଥା ମାନିବାକୁ ହୁଏ । ଗଭୀର ନିରୀକ୍ଷଣ ଓ ଆତ୍ମବିଶ୍ଳେଷଣ କରିବା ପରେ ଆମେ ଏଥିରେ ନିଜର ହିଁ ଦୋଷ ଥିବାର ପାଇବା । ଆମର ଇଚ୍ଛା, ସଂକଳ୍ପ, ବିଶ୍ୱାସ ଓ ପ୍ରୟାସରେ କେଉଁଠି ଅପୂର୍ଣ୍ଣତା ରହିଯାଇଥିବାର ଜାଣି ପାରିବା । ବର୍ତ୍ତମାନ ସମୟରେ ଆମେ ଯେଉଁ ସ୍ଥିତିରେ ଠିଆ ହୋଇଛେ, ସେଥିପାଇଁ ଆମେ ନିଜେ ହିଁ ଦାୟୀ ଏବଂ ଯଦି ଆମେ ପଣ କରିନେବା ତ ସ୍ୱୟଂ ନିଜର ଭାଗ୍ୟ ବିଧାତା ହୋଇ ପାରିବା ।

ପୁଣି ଆମେ ଯେପରି ଚିନ୍ତା କରୁ, ସେପରି କରିଥାଉ ଓ ସେପରି ହୋଇଯାଉ । ଏହିପରି ଭାବରେ ଆମର ସଫଳତା ଆମର ବିଚାର ଓ କ୍ରିୟାର ପରିଣାମ ହୋଇଥାଏ ତଥା ଅସଫଳତା ମଧ ଆମର ବିଚାର ଓ କ୍ରିୟାରେ ନ୍ୟୁନତାର ପରିଣାମ ହୋଇଥାଏ ।

ବାସ୍ତବରେ ଆମର ସଫଳତା ଆମ ମନର ଦୃଢ଼ ସଂକଳ୍ପ ଓ ଐକାନ୍ତିକ ପ୍ରୟାସ-ପୁରୁଷାର୍ଥର ପରିଣାମ ହୋଇଥାଏ । ଏହି କାରଣରୁ ଆମେ ନିଜର ଲକ୍ଷ୍ୟ ଉପରେ କେନ୍ଦ୍ରିତ ହୋଇ କାର୍ଯ୍ୟ କରିଥାଉ । ବିଞ୍ଛାଡ଼ି ହୋଇ ପଡ଼ିଥିବା ସୂର୍ଯ୍ୟକିରଣ ସାଧାରଣ ତାପମାତ୍ରା ଉତ୍ପନ୍ନ କରିଥାଏ, ଯାହାର ସେତେ ପ୍ରଭାବ ନ ଥାଏ, କିନ୍ତୁ ଯେବେ ଏହି କିରଣ ଯବକାଚ ମଧ ଦେଇ ଗତି କରେ, ତ ଗୋଟିଏ ବିନ୍ଦୁରେ ଏକତ୍ର ହୋଇ ନିଜର ଚମତ୍କାର ଦେଖାଇଥାଏ । ତଳେ ରଖାଯାଇଥିବା କାଗଜ ବା କାଠ ଖଣ୍ଡରେ ନିଆଁ ଲାଗିଯାଏ ।

ସ୍ୱାମୀ ବିବେକାନନ୍ଦଙ୍କ ଶବ୍ଦରେ ସଫଳତାର ଏକମାତ୍ର ରହସ୍ୟ ହେଉଛି- ଚିତ୍ତର ଏକାଗ୍ରତା । ମନର ଶକ୍ତିଗୁଡ଼ିକ ଗୋଟିଏ ବିନ୍ଦୁରେ ଏକାଗ୍ର ହୋଇଗଲେ ଚମତ୍କାର ଘଟିଥାଏ । ଦେହର ପ୍ରତ୍ୟେକ ମାଂସପେଶୀ, ରକ୍ତକଣିକା, ସ୍ନାୟୁତନ୍ତ୍ରରୁ ନେଇ ମନ, ବୁଦ୍ଧି, ହୃଦୟ ଓ ଆତ୍ମା ସବୁ ଏକଜୁଟ ହୋଇଗଲେ ଅଦ୍ଭୁତ ପରିଣାମ ଉତ୍ପନ୍ନ ହୋଇଥାଏ । ଏହା ଦେଖି ଦୁନିଆ ଆଶ୍ଚର୍ଯ୍ୟ ହୋଇଯିବାକୁ ବାଧ ହୁଏ । ଚୁମ୍ବକ ଭଳି ସଫଳତା ଏପରି ବ୍ୟକ୍ତିମାନଙ୍କ ଦିଗରେ ଆକର୍ଷିତ ହୋଇଥାଏ । ଏମାନେ ଯେଉଁ କାର୍ଯ୍ୟରେ ବି ହାତ ଦିଅନ୍ତି, ସେଥିରୁ ସୁନା ବାହାରିବାର ଉକ୍ତି ଚରିତାର୍ଥ ହୋଇଥାଏ ।

ଏଭଳି ସ୍ଥିତିରେ ଉର୍ବର ମରୁଭୂମିରେ ମଧ ଜଳସ୍ରୋତ ପ୍ରକଟ ହୋଇଯାଏ, ଭୂମି ଉର୍ବର ହୋଇଯାଏ, ପୂରା ପରିବେଶ ସବୁଜିମାରେ ଲହଲହ ହୋଇଥାଏ । ଏହିପରି ବ୍ୟକ୍ତିର ଅନ୍ତଃକରଣର ଅନୁର୍ବର ଭୂମିରେ ବ୍ୟକ୍ତି ଚାହିଁଲେ ନିଜର ସଫଳତା ଓ ଏକାଗ୍ରତା ବଳରେ ନିଜର ଶକ୍ତି ଓ ସଦ୍‌ଗୁଣଗୁଡ଼ିକୁ ବିକଶିତ କରି ମନମୁତାବକ ସଫଳତା ପ୍ରାପ୍ତ କରି ପାରିବ । ଅଭୀଷ୍ଟ ଗୁଣଗୁଡ଼ିକର ସମାବେଶ କରି ନିଜର ବ୍ୟକ୍ତିତ୍ୱକୁ ଇଚ୍ଛାନୁରୂପ ବିଶୁଦ୍ଧ କରି ପାରିବ ।

ଯଦି ଅନ୍ତଃକରଣରେ ଶ୍ରେଷ୍ଠ ବିଚାର ଓ ସଂକଳ୍ପର ବୀଜ ପଡ଼ିବ, ଅଗାଧ ଶ୍ରଦ୍ଧା ଓ ନିଷ୍ଠାର ସହିତ ତାହାକୁ ଜଳ ଦ୍ୱାରା ସିଞ୍ଚନ କରାଯିବ, ନିଜର ଭାବଭରା ପ୍ରୟାସର ସାର ସେଥିରେ ଦିଆଯିବ, ତାହେଲେ ସେଥିରେ ସଫଳତା, ପ୍ରଗତି ଓ ଶାନ୍ତିର ଫସଲ ଲହରାୟିତ ହେବ, ଜୀବନ ସମ୍ପନ୍ନତାରେ ନାଚି ଉଠିବ ଏବଂ ଏହା ଦ୍ୱାରା ସାରା ଜଗତର ମଧ ଉପକାର ହେବା ସୁନିଶ୍ଚିତ ।

ଯେଉଁମାନେ ଏହି ସରଳ ରହସ୍ୟକୁ ଜାଣନ୍ତି ନାହିଁ, ସେମାନେ କଣ୍ଟାର ବୀଜ ବୁଣି ମିଠା ଫଳର ଆଶା ପାଳିବାର ବିଡ଼ମ୍ବନା କରିଥାନ୍ତି । ନାନା ଦିଗରେ ମନର ଶକ୍ତିକୁ ବିଛୁରିତ କରି ଆକାଶକୁ ଛୁଇଁବାର ଦୁରାଶା ପାଳିଥାନ୍ତି । ଅପୂର୍ଣ୍ଣ ମନରେ ସ୍ୱପ୍ନ ସଜେଇ ପୂର୍ଣ୍ଣ ସଫଳତା ଚାହିଁଥାନ୍ତି । ବିନା ମୂଲ୍ୟରେ ବଡ଼ ଉପଲବ୍ଧି ହାସଲ କରିବାକୁ ଚାହିଁଥାନ୍ତି । ଏହା କିପରି ସମ୍ଭବ ହେବ ?

ଏପରି ଅବସ୍ଥାରେ ତ ନିରାଶା, ହତାଶା ଓ ଅସଫଳତା ମିଳିବା ସୁନିଶ୍ଚିତ, ଯେଉଁଥିପାଇଁ ସେମାନେ ଭଗବାନଙ୍କ ଠାରୁ ନେଇ ଅନ୍ୟ ମନୁଷ୍ୟ ଓ ପରିସ୍ଥିତିକୁ ଗାଳି ଦିଅନ୍ତି ଏବଂ ନକାରାତ୍ମକ ମନଃସ୍ଥିତିର ସହିତ ଗଭୀର କୁଣ୍ଠା ଓ ଅବସାଦରେ ବଞ୍ଚୁଥିବାର ଦେଖାଯାନ୍ତି । ଏହି ସ୍ଥିତିରୁ ମୁକୁଳିବାର ଏକମାତ୍ର ଉପାୟ ହେଉଛି- ସଫଳତାର ଉପରୋକ୍ତ ସୂତ୍ରଗୁଡ଼ିକୁ ବୁଝନ୍ତୁ ଏବଂ ସେ ଉପରେ ଚାଲିବାର ସଚ୍ଚା ପ୍ରୟାସ କରନ୍ତୁ ।

# ମନ ନିର୍ମଳ ଥିଲେ କାଠୁଆରେ ବି ଗଙ୍ଗା

ଧର୍ମ-କର୍ମ ଦ୍ୱାରା ଲାଭ ହେଉଥିବା କଥା ନିଃସନ୍ଦେହ । ଶାସ୍ତ୍ରଗୁଡ଼ିକରେ ଏପରି କୁହାଯାଇଛି, କିନ୍ତୁ ଧର୍ମ-କର୍ମ ପ୍ରକୃତ ଧର୍ମ-କର୍ମ ହୋଇଥିବା ଦରକାର, ଏକଥା ବୁଝିବା ଜରୁରୀ । ଧର୍ମ ନାଁରେ ଆଡ଼ମ୍ବର ନ ହେଉ, ଶଠତା ନ ହେଉ । ଯଦି ଧର୍ମ-କର୍ମ ତାହାର ବାସ୍ତବିକ ସ୍ୱରୂପରେ ହେଉଥାଏ ତ ବ୍ୟକ୍ତିର ଜୀବନରେ ଶୁଦ୍ଧତା ଆସେ । ତା' ମନରେ ନିର୍ମଳତା ଆସେ ଓ ମନ ନିର୍ମଳ ହେଲେ ବ୍ୟକ୍ତିକୁ ପରମାତ୍ମାଙ୍କ ଅନୁଭୂତି ଅବଶ୍ୟ ହୋଇଥାଏ ।

ଯଦି ଉପର ଠାଉରିଆ ଭାବରେ ଧର୍ମ-କର୍ମ ହେଉଥାଏ, ତନ୍ତ୍ର-ମନ୍ତ୍ର ପୂଜା-ପାଠ କରାଯାଉଥାଏ, ଅଥଚ ଜୀବନରେ ଶୁଚିତା ନ ଆସେ, ତେବେ ଏହାର ଅର୍ଥ ଆମ ଦ୍ୱାରା ଅବଶ୍ୟ କେଉଁଠି ଭୁଲ ହେଉଛି ।

ଯଦି ଆମେ ଧର୍ମ ନାଁରେ କେବଳ କର୍ମକାଣ୍ଡ ଓ ଚିହ୍ନପୂଜା କରୁଛେ ଏବଂ ଦାନ-ପରୋପକାର, ଅହଂକାରର ଭାବନାରେ କରୁଛେ, ପୂଜା-ପାଠ ସହିତ କୁକର୍ମ ବି କରୁଛେ, ତୀର୍ଥାଟନ କେବଳ ପର୍ଯ୍ୟଟନ, ପିକ୍‌ନିକ୍, ଅୟସ-ଆରାମ, ମଉଜ ମଜଲିସ ପାଇଁ କରୁଛେ, ତାହେଲେ ନିଶ୍ଚିତ ରୂପେ ଏଭଳି ଧର୍ମ-କର୍ମ, ଦାନ-ପରୋପକାର, ତୀର୍ଥଯାତ୍ରା ଗୁଡ଼ିକର ସୁଫଳ ଆମେ ପ୍ରାପ୍ତ କରି ପାରିବା ନାହିଁ । ମନ ନିର୍ମଳ ହେବା ହିଁ ଧର୍ମ-କର୍ମ, ପୂଜା-ପାଠର ଉଦ୍ଦେଶ୍ୟ ।

ଆମ ମନ ଭିତରୁ କାମ, କ୍ରୋଧ, ଲୋଭ, ମୋହ, ଦମ୍ଭ, ଦୁର୍ଭାବ, ଦ୍ୱେଷ ଆଦି ବିକାର ଦୂର ହେଉ ଏବଂ ଆମ ହୃଦୟରେ କରୁଣା, ପ୍ରେମ, ସଂବେଦନା, କ୍ଷମା, ଦୟା, ଅହଂକାର ଆଦି ଦିବ୍ୟ ଭାବଗୁଡ଼ିକର ଅଭିବୃଦ୍ଧି ହେଉ- ଏଥି ନିମନ୍ତେ ଯେତେବେଳେ ଆମେ ଧର୍ମ-କର୍ମ କରିଥାଉ, ଯଜ୍ଞ ଭାବରେ କରିଥାଉ, ଯଜ୍ଞ - କର୍ମକାଣ୍ଡ, ପୂଜା-ପାଠର ବାସ୍ତବିକ ଦର୍ଶନକୁ, ଭାବକୁ ଜୀବନରେ ଆଚରଣ କରିଥାଉ, ଭଡାରି ଥାଉ, ସେତେବେଳେ ଧର୍ମ-କର୍ମର ସୁଫଳ ଆମକୁ ଚିତ୍ତଶୁଦ୍ଧି ଏବଂ ହୃଦୟରେ ଉଦ୍‌ବେଳିତ କରୁଣା, ପ୍ରେମ, ସତ୍ୟ, କ୍ଷମା, ସେବା, ସହକାର, ସଂବେଦନା ଆଦି ଦିବ୍ୟ ଭାବଗୁଡ଼ିକ ରୂପେ ପ୍ରାପ୍ତ ହେବାରେ ଲାଗେ ଏବଂ ଆମେ ଆନନ୍ଦିତ ହୋଇଥାଉ ।

ପ୍ରଭୁଙ୍କର ପ୍ରେମ ଆମକୁ ପ୍ରାପ୍ତ ହେବାରେ ଲାଗେ । ଆମେ ଚଳନ୍ତା ତୀର୍ଥ ପାଲଟିଯାଉ । ନିଜର ଦେହ ରୂପୀ ଦେବାଳୟରେ ସ୍ଥିତ ଆତ୍ମାରେ ଆମେ ପରମାତ୍ମାଙ୍କ ଅନୁଭୂତି ପାଇଥାଉ । ଏପରି ହେଲେ ଆମର ଘର ମଧ୍ୟ ତୀର୍ଥ ହୋଇଯାଏ । ଆମ ପାଇଁ ଘରର କାଠୁଆରେ ଥିବା ପାଣି ମଧ୍ୟ ଗଙ୍ଗା ପାଲଟିଯାଏ ।

ହିନ୍ଦୀରେ ଏକ ଲୋକୋକ୍ତି ରହିଛି 'ମନ ଚଙ୍ଗା ତୋ କଠୌତି ମେଁ ଗଙ୍ଗା', ଯାହାର ଅର୍ଥ ମନ ନିର୍ମଳ ଥିଲେ କାଠୁଆରେ ମଧ୍ୟ ଗଙ୍ଗା ପ୍ରକଟ ହୋଇ ପାରିବେ । ଓଡ଼ିଆ ଲୋକୋକ୍ତିରେ ଏହାକୁ 'ମନ ନିର୍ମଳ ଥିଲେ ଗୋବର ଗାଡ଼ିଆ ଗଙ୍ଗା' ବୋଲି କୁହାଯାଏ । ଏହି ଲୋକୋକ୍ତି ସନ୍ଥ, ଭକ୍ତ, ଋଷିମାନଙ୍କ ଜୀବନରେ ସର୍ବଦା ଶତ ପ୍ରତିଶତ ଚରିତାର୍ଥ ହୋଇଥାଏ । ସନ୍ଥ ରବିଦାସ ନିଜର ସଚ୍ଚା ଭକ୍ତି ଦ୍ୱାରା ଏହି ଲୋକୋକ୍ତିକୁ ଚରିତାର୍ଥ କରି ଦେଖାଇ ଥିଲେ ।

ସନ୍ଥ ରବିଦାସ ଭଗବାନଙ୍କର ସଚ୍ଚା ଭକ୍ତ ଥିଲେ । ସେ ନିଜର କର୍ମକୁ ପୂଜାର ଭାବରେ କରୁଥିଲେ । ସେ ଜୋତା ତିଆରି କାମ କରୁଥିଲେ । ଦିନେ ତାଙ୍କ ପାଖକୁ ଜଣେ ବ୍ରାହ୍ମଣ ଆସିଲେ ଓ କହିଲେ- 'ମୋର ଜୋତା ଫାଟିଯାଇଛି, ଏହାକୁ ଠିକ୍ କରିଦିଅ ।' ରବିଦାସ ତାଙ୍କର ଜୋତା ମରାମତି କରିଦେଲେ ।

ବ୍ରାହ୍ମଣ ଜୋତା ପିନ୍ଧି ଗଙ୍ଗାସ୍ନାନ ପାଇଁ ଯିବାକୁ ବାହାରିଲେ । ସେତିକିବେଳେ ସନ୍ଥ ରବିଦାସ କହିଲେ- 'ବ୍ରାହ୍ମଣଦେବ ! ଆପଣ ମୋ ତରଫରୁ ଗଙ୍ଗା ମାତାଙ୍କୁ ଗୋଟିଏ କଉଡ଼ି (ପଇସା) ଭେଟ କରିଦେବେ । ମୁଁ ତ କାମରେ ବ୍ୟସ୍ତ ଅଛି । ଠିକ୍ ସମୟରେ ଗ୍ରାହକମାନଙ୍କୁ ଜୋତା ମରାମତି କରି ଦେବାକୁ ହେବ । ସେଥିପାଇଁ ସୋମବତୀ ଅମାବାସ୍ୟା ଭଳି ପବିତ୍ର ଅବସରରେ ବି ମୁଁ ଗଙ୍ଗାସ୍ନାନକୁ ଯାଇପାରୁ ନାହିଁ ।'

ସନ୍ଥ ରବିଦାସଙ୍କ ଠାରୁ ପଇସା ନେଇ ବ୍ରାହ୍ମଣଦେବ ମା' ଗଙ୍ଗାଙ୍କ ଦର୍ଶନ ହେତୁ ଚାଲିଗଲେ ଏବଂ ତେଣେ ରବି ଦାସ ନିଜ କାମରେ ଲୀନ ହୋଇଗଲେ । ବ୍ରାହ୍ମଣଦେବ ଗଙ୍ଗାସ୍ନାନ ସାରିବା ପରେ ରବିଦାସ ଦେଇଥିବା ପଇସା ଗଙ୍ଗାମାତାଙ୍କୁ ସମର୍ପଣ କରିବା କଥା ତାଙ୍କର ମନେ ପଡ଼ିଗଲା ।

ସେ ଗଙ୍ଗାକୂଳରେ ଠିଆ ହୋଇ କହିଲେ- 'ହେ ମା' ଗଙ୍ଗା ! ରବିଦାସଙ୍କର ଏଇ ଭେଟିକୁ ସ୍ୱୀକାର କରନ୍ତୁ ।' ସେହି କ୍ଷଣି ଗଙ୍ଗା ମଧ୍ୟରୁ ଗୋଟିଏ ହାତ ବାହାରି ଆସିଲା ଓ ସ୍ୱର ଶୁଭିଲା- 'ଆଣ ! ରବିଦାସଙ୍କର ସେଇ ଭେଟିକୁ ମୋ ହାତରେ ରଖିଦିଅ ।' ବ୍ରାହ୍ମଣ ସେହି କଉଡିଟି ହାତ ଉପରେ ରଖିଦେଲେ ।

ସେହି ବିହଙ୍ଗମ ଦୃଶ୍ୟକୁ ଦେଖି ବ୍ରାହ୍ମଣଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ସେଠାରୁ ଫେରିବା ପାଇଁ ଉଦ୍ୟତ ହୁଅନ୍ତେ ତାଙ୍କୁ ପୁଣି ଥରେ ସ୍ୱର ଶୁଭିଲା- 'ବ୍ରାହ୍ମଣ ନିଅ ! ଏଇ କଙ୍କଣଟି ରବିଦାସଙ୍କୁ ମୋ ତରଫରୁ ଉପହାର ଦେଇଦେବ ।' ବ୍ରାହ୍ମଣ ଘାବରେଇ ଯାଇ ସେହି ସେହି ରତ୍ନଜଡିତ କଙ୍କଣକୁ ନେଇ ଚାଲି ଆସିଲେ ।

ଫେରିବା ବାଟରେ ସେ ଭାବିଲେ ଯେ ମା' ଗଙ୍ଗା ଏଇ ଉପହାରଟି ଦେଇଥିବା କଥା ରବିଦାସ ତ ଜାଣନ୍ତି ନାହିଁ । ତେଣୁ ଏଇ ରତ୍ନଜଡ଼ିତ କଙ୍କଣଟି ନେଇ ରାଣୀଙ୍କୁ ଉପହାର ଦେଲେ ରାଜା ମୋତେ ମାଲାମାଲ କରିଦେବେ ।

ସେ ତୁରନ୍ତ ରାଜ ଦରବାରରେ ପହଞ୍ଚିଲେ ଓ ରାଣୀଙ୍କୁ ସେଇ କଙ୍କଣଟି ଭେଟି ଦେଲେ । ସେହି ସୁନ୍ଦର କଙ୍କଣଟି ପାଇ ରାଣୀ ବହୁତ ଖୁସୀ ହେଲେ । ବ୍ରାହ୍ମଣ ରାଣୀଙ୍କ ଠାରୁ ପୁରସ୍କାର ପାଇବା କଥା ଚିନ୍ତା କରୁଥିବା ବେଳେ ରାଣୀ ଆଉ ଗୋଟିଏ ହାତ ପାଇଁ ସେହିପରି ଆଉ ଏକ କଙ୍କଣ ଆଣିଦେବାକୁ ରାଜାଙ୍କୁ କହିଲେ ।

ରାଜା ସେହି ବ୍ରାହ୍ମଣଙ୍କୁ କହିଲେ- 'ମୋର ଏହିପରି ଆଉ ଗୋଟିଏ କଙ୍କଣ ଦରକାର ।' ବ୍ରାହ୍ମଣ କହିଲେ- 'ଆପଣ ରାଜବଣିଆ ଦ୍ୱାରା ଏପରି ଆଉ ଗୋଟିଏ କଙ୍କଣ ଦିଅନ୍ତୁ । ମୋ ପାଖରେ ତ ଆଉ କଙ୍କଣ ନାହିଁ ।' ସେତେବେଳେ ରାଜବଣିଆ କହିଲେ- 'ଏଇ କଙ୍କଣରେ ଖଚିତ ରତ୍ନ ବହୁତ ମୂଲ୍ୟବାନ୍ । ରାଜକୋଷରେ ବି ଏହା ନାହିଁ । ତେଣୁ ଏ ପ୍ରକାର ଆଉ ଏକ କଙ୍କଣ ତିଆରି କରି ପାରିବା ସମ୍ଭବ ନୁହେଁ ।'

ବ୍ରାହ୍ମଣଙ୍କ ଉପରେ ରାଜା କ୍ରୋଧିତ ହୋଇଗଲେ ଏବଂ ସେ ବ୍ରାହ୍ମଣଙ୍କୁ ଯେକୌଣସି ମତେ ସେହିପରି ଆଉ ଏକ କଙ୍କଣ ଆଣିଦେବାର ଆଦେଶ ଦେଲେ ତଥା ନ ଆଣିଲେ ମୃତ୍ୟୁଦଣ୍ଡ ଦେବାର ଚେତାବନୀ ବି ଶୁଣାଇ ଦେଲେ । ଏହା ଶୁଣି ବ୍ରାହ୍ମଣଙ୍କ ଆଖିରୁ ଗ୍ଲାନିର ଅଶ୍ରୁ ଝରି ପଡ଼ିଲା । ସେ ରାଜାଙ୍କୁ ସବୁ ସତ କଥା ଜଣାଇ ଦେଲେ ଏବଂ କହିଲେ- 'କେବଳ ରବିଦାସ ହିଁ ଏପରି ଆଉ ଏକ କଙ୍କଣ ମା' ଗଙ୍ଗାଙ୍କ ଠାରୁ ଆଣି ଦେଇ ପାରିବେ ।'

ଏଇ କଥା ଉପରେ ରାଜାଙ୍କର ବିଶ୍ୱାସ ହେଲା ନାହିଁ । ସେ ବ୍ରାହ୍ମଣଙ୍କୁ ସାଙ୍ଗରେ ନେଇ ରବିଦାସଙ୍କ ପାଖରେ ପହଞ୍ଚିଲେ । ରବିଦାସ ସବୁ ଦିନ ପରି ଜୋତା ମରାମତି କରିବାରେ ଲାଗିଥିଲେ । ବ୍ରାହ୍ମଣ ରବିଦାସଙ୍କ ପାଦ ଧରିଦେଲେ ଓ ତାଙ୍କୁ ସବୁ କଥା ଶୁଣାଇ ଦେଲେ । ସନ୍ଥ ରବିଦାସଙ୍କ ହୃଦୟ ତରଳିଗଲା । ସେ ବ୍ରାହ୍ମଣଙ୍କୁ ଜୀବନଦାନ ଦେବା ପାଇଁ ରାଜାଙ୍କୁ ପ୍ରାର୍ଥନା କଲେ, କିନ୍ତୁ ରାଜା କହିଲେ- 'ବ୍ରାହ୍ମଣଙ୍କୁ ଜୀବନଦାନ ଦେବା ବଦଳରେ ଆପଣଙ୍କୁ ଏପରି ଆଉ ଗୋଟିଏ କଙ୍କଣ ମୁଁ ଦେବାକୁ ହେବ ।'

ସନ୍ଥ ରବିଦାସ ସେଠାରେ ଏକ କାଠୁଆରେ କିଛି ଜଳ ନେଲେ ଏବଂ ନିର୍ମଳ ମନରେ, ପ୍ରେମଭାବରେ ସେହିପରି ଆଉ ଗୋଟିଏ କଙ୍କଣ ଦେବା ପାଇଁ ଗଙ୍ଗାମାତାଙ୍କୁ ପ୍ରାର୍ଥନା କଲେ । ସେତିକିବେଳେ ତାଙ୍କ କାଠୁଆରେ ଥିବା ଜଳରେ ଲହରୀ ଉଠିଲା, ଠିକ୍ ଯେମିତି ଗଙ୍ଗାରେ ଉଠିଥାଏ ପୁଣି ସେଇ କୁଣ୍ଡର ଜଳରେ ସେହିପରି ଆଉ ଗୋଟିଏ କଙ୍କଣ ପ୍ରକଟ ହୋଇଗଲା । ଗଙ୍ଗା ତାଙ୍କ କାଠୁଆର ଜଳରେ ହିଁ ପ୍ରକଟ ହୋଇ ସେହିପରି ଅନ୍ୟ ଏକ କଙ୍କଣ ତାଙ୍କୁ ପ୍ରଦାନ କଲେ । ଏସବୁ ଦେଖି ରାଜା ଚକିତ ହୋଇଗଲେ । ରବିଦାସ କହିଲେ- 'ମନ ଗଙ୍ଗା ତୋ କଠୌତି ମେଂ ଗଙ୍ଗା ।' ସେବେ ଠାରୁ ଏଇ ଲୋକୋକ୍ତିଟି ପ୍ରସିଦ୍ଧ ହୋଇଗଲା ।

ଧର୍ମ-କର୍ମର ଅର୍ଥ ହେଲା, ଧର୍ମ-କର୍ମ କରିବା ସହିତ ଆମର କର୍ମ ମଧ୍ୟ ଧର୍ମମୟ ହେବା ଉଚିତ ଆମର ମନ ପବିତ୍ର ହେବା ଦରକାର । ଆମର କର୍ମ ବି ପବିତ୍ର ହେବା ଜରୁରୀ । ଆମର ବିଚାର ମଧ୍ୟ ପବିତ୍ର ହେବା ଆବଶ୍ୟକ । ଏପରି ହେଲେ ଆମକୁ ଧର୍ମ- କର୍ମ, ପୂଜା-ପାଠ, ଜପ-ତପ, ଯଜ୍ଞ-ହବନ, ତୀର୍ଥ, ଦାନ, ପରୋପକାରର ପୂର୍ଣ୍ଣ ଲାଭ ମିଳି ପାରିବ । ସେଠାରେ ଉପସ୍ଥିତ ରାଜା ଓ ବ୍ରାହ୍ମଣଙ୍କୁ ନିଜ ଭୁଲର ଅନୁଭବ ହୋଇଗଲା ।

## ଆଜିର ଚିନ୍ତନ

ରାବଣ ନିଧନ ପରେ ଲଙ୍କାରୁ ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ରାଜ ସିଂହାସନରେ ପୁନରାଭିଷିକ୍ତ ହେଲା ପରେ ରାଜମାତା କୌଶଲ୍ୟାଙ୍କ ଏକ ପ୍ରଶ୍ନର ସାମ୍ନା କରି ବିଚଳିତ ହୋଇପଡ଼ିଥିଲେ ରାଜା ରାମ । ଅତ୍ୟନ୍ତ ନିଭୃତରେ କୌଶଲ୍ୟା ଦିନେ ତାଙ୍କୁ ପଚାରି ବସିଲେ- 'ତୁମେ କିଏ ରାମ ? ତୁମ ପ୍ରକୃତ ପରିଚୟ କ'ଣ ?' ନିଜ ମାଆଙ୍କ ଠୁଁ ଏମିତି ଏକ ପ୍ରଶ୍ନ ଯେକୌଣସି ପୁଅକୁ ନିର୍ବାକ୍ କରିଦେବା ପାଇଁ ଯଥେଷ୍ଟ । ମତିଭ୍ରମରେ ତ ଆଉ ଆକ୍ରାନ୍ତ ହୋଇନାହାନ୍ତି ମୋ ଜନ୍ମଦାତ୍ରୀ ଜନନୀ ! ରାମ କିଛି କ୍ଷଣ ପରେ ଉତ୍ତରଦେଲେ- 'ମାଆ ! ମୁଁ ତୁମର ପୁଅ । ଦଶରଥ ସୁତ କୌଶଲ୍ୟାନନ୍ଦନ ରାମ । ବାସ୍, ତାହା ବାହାରେ ଯଦି ଅନ୍ୟ କିଛି ପରିଚୟ ଥାଏ, ତେବେ ତାହା ଅତି ଗୌଣ । କୌଶଲ୍ୟାଙ୍କୁ ସନ୍ତୁଷ୍ଟ କଲା ନାହିଁ ରାମଙ୍କର ଏହି ସରଳ କଥନ । ସେ କହିଲେ, ''ମୋ ବ୍ୟତୀତ ଅବଶିଷ୍ଟ ସଂସାର ତୁମକୁ ବିଷ୍ଣୁଙ୍କ ଅବତାର ବୋଲି କହୁଛି । ମର୍ଯ୍ୟାଦା ପୁରୁଷୋତ୍ତମ ବୋଲି ଡାକୁଛି । ମୁଁ ଅଯୋଧ୍ୟା ଛାଡ଼ି କାଲି ବାନପ୍ରସ୍ଥରେ ବାହାରିବି । ଯିବା ପୂର୍ବରୁ ଏତିକି ଜାଣିବାକୁ ଚାହୁଁଛି ଯେ ମୋ ଗର୍ଭରୁ କିଏ ଜନ୍ମ ନେଇଛନ୍ତି । ଜଣେ ସାଧାରଣ ରାଜପୁତ୍ର ନା ସ୍ୱୟଂ ସୃଷ୍ଟିକର୍ତ୍ତା ଭଗବାନ ! ତୁମେ ଯଦି ସ୍ୱୟଂ ଭଗବାନ, ତେବେ ଏକ ଦିବ୍ୟ ପୁଲକରେ ଶିହରିତ ହେବ ମୋ ମାତୃତ୍ୱ । ଧନ୍ୟ ହେବ ମୋର ମାଆପଣ, ଏଥିପାଇଁ ଯେ ସଂସାରରେ ଏତେ ମାଆ ଥାଉ ଥାଉ ଈଶ୍ୱର ମୋ ଗର୍ଭକୁ ବାଛି ମୋତେ କୃପା କରିଛନ୍ତି । ଯଦି ତାହା ବି ନୁହେଁ, ତୁମେ ଜଣେ ସାଧାରଣ ସନ୍ତାନ ; ତଥାପି ଗର୍ବ କରିବି ଏହି କାରଣରୁ ମୋ ପୁଅ ଏମିତି କୀର୍ତ୍ତିମାନ ସ୍ଥାପନ କରିଛନ୍ତି ଯେ ସାରା ସଂସାର ତାଙ୍କୁ ସାଧାରଣ ପୁରୁଷ ନ କହି କହୁଛି ମର୍ଯ୍ୟାଦା ପୁରୁଷୋତ୍ତମ । ଉଭୟ ଆଉ ମୋ ମାତୃତ୍ୱ ହେବ ଗୌରବମଣ୍ଡିତ ।'

ବିଷମ ମୁହୂର୍ତ୍ତର ସମ୍ମୁଖୀନ ହେଲେ ମର୍ଯ୍ୟାଦାପୁରୁଷ । କ'ଣ ବା ଉତ୍ତର ଦେବେ ନିଜ ଜନନୀଙ୍କୁ ! କେମିତି ବା ଜଣେ ମାଆ ପଣତକାନିରେ ଦିବ୍ୟ ଅନନ୍ୟତାର ଗୌରବ ଟେକିଦେଇ ଅନ୍ୟ ମାଆଙ୍କ ପ୍ରତି ଅବିଚାର କରିବେ ! ଶେଷରେ ଯାହା କହିଲେ, ତାହା ବୋଧହୁଏ ସଂସାରର ସବୁ ମାତାଙ୍କ ସପକ୍ଷରେ ଏକ ସର୍ବକାଳୀନ ସ୍ୱୀକୃତିର ସର୍ବଶ୍ରେଷ୍ଠ ସିଦ୍ଧାନ୍ତ । କହିଲେ- ''ମାଆ ! ମୁଁ ଭଗବାନ କି ନୁହେଁ, ଏକଥା ଜାଣେ ନାହିଁ । କିନ୍ତୁ ଏତିକି ଜାଣିଛି ଯେ ମାଆଙ୍କ ସଂସ୍କାର ଓ ଆଶୀର୍ବାଦ ମିଳିଲେ ପ୍ରତ୍ୟେକ ମଣିଷ ଭଗବାନ ହୋଇପାରିବେ ।

# ଭାରତୀୟ ସଂସ୍କୃତିର ଏକ ଅଭୂତପୂର୍ବ ଅବଧାରଣା

ଭାରତୀୟ ସଂସ୍କୃତିରେ ଜୀବନର ପରମଲକ୍ଷ୍ୟ ହେଉଛି ମୋକ୍ଷ । ଏହା ହିଁ ଭାରତୀୟ ପରଂପରାରେ ଜୀବନର ଚରମ ପୁରୁଷାର୍ଥ । ମୋକ୍ଷ ଭାରତୀୟ ଦର୍ଶନ ଏବଂ ଆଧ୍ୟାତ୍ମିକ ଚିନ୍ତନର ଏକ ବିଶିଷ୍ଟ ଓ ଅଭୂତପୂର୍ବ ଅବଧାରଣା । ଏହା ପରମ ଏକତ୍ୱ ଅବସ୍ଥାର ନାମ, ଯାହା ଆତ୍ମଜ୍ଞାନ, ଈଶ୍ୱରପ୍ରାପ୍ତି, ଆତ୍ମସାକ୍ଷାତ୍କାର, ମୁକ୍ତି, ନିର୍ବାଣ, କୈବଲ୍ୟ ଭଳି ଉପଲବ୍ଧ ରୂପରେ ପରିଭାଷିତ ହୋଇଥାଏ ଏବଂ ଯାହା ମାନବୀୟ ସମ୍ଭାବନାଗୁଡ଼ିକର ଚରମ ଓ ପରମ ଅବସ୍ଥା ।

ଋଷିମାନଙ୍କ ଅନୁସାର ନିଜର ଅଭିବ୍ୟକ୍ତି ହେତୁ ଜନ୍ମ – ଜନ୍ମାନ୍ତରର ପ୍ରୟାସ ପରେ ଜୀବାତ୍ମା ବିକାଶର ପୂର୍ଣ୍ଣତାକୁ ପରମ ଏକତ୍ୱ-ମୋକ୍ଷ ରୂପରେ ପ୍ରାପ୍ତ କରିଥାଏ । ଗୀତାକାରଙ୍କ ଶବ୍ଦରେ-

ଅନେକ ଜନ୍ମସଂସିଦ୍ଧସ୍ତତୋ ଯାତି ପରାଂ ଗତିମ୍ । –୬/୪୫

ଅର୍ଥାତ୍ ଅନେକ ଜନ୍ମରୁ ଅନ୍ତଃକରଣର ଶୁଦ୍ଧି ରୂପୀ ସିଦ୍ଧିକୁ ପ୍ରାପ୍ତ ହୋଇଥିବା ଯୋଗୀ ପରମ ଗତିକୁ ପ୍ରାପ୍ତ ହୋଇଥାଏ । ବୈଦିକ ଦର୍ଶନରେ ଏହାକୁ ମାନବ ଜୀବନର ପରମ ଲକ୍ଷ୍ୟ ସ୍ୱୀକାର କରାଯାଏ । ମୁକ୍ତି ହେଉଛି ସେହି ଅବସ୍ଥା, ଯେଉଁଥିରେ ମନୁଷ୍ୟ ସବୁ ବାସନାକୁ ତ୍ୟାଗ କରି ପୂର୍ଣ୍ଣକାମ ହୋଇଯାଏ ଏବଂ ସବୁ ପ୍ରକାରର କଷ୍ଟରୁ ମୁକ୍ତ ହୋଇ ବିଶୁଦ୍ଧ ଦିବ୍ୟ ଆନନ୍ଦର ମହାସମୁଦ୍ରରେ ଦୋଳାୟିତ ହୋଇଥାଏ ।

ଏହି ମୁକ୍ତିର ସୁଖର ଭୋଗ ଇନ୍ଦ୍ରିୟମାନଙ୍କ ଦ୍ୱାରା ହୁଏ ନାହିଁ । ଆତ୍ମା ନିଜର ଶକ୍ତି ସାହାଯ୍ୟରେ ସେହି ପରମାନନ୍ଦର ଭୋଗ କରିଥାଏ । ଅବିନାଶୀ, ପରମରକ୍ଷକ ଯେଉଁ ପରମାତ୍ମଦେବଙ୍କ ମଧ୍ୟରେ ଜଡ ଓ ଚେତନ ଦେବ ନିବାସ କରନ୍ତି, ବେଦର ଋଚାଗୁଡିକ ତାଙ୍କର ଗୁଣଗାନ କରିଥାନ୍ତି । ଯିଏ ତାଙ୍କୁ ଜାଣି ନାହିଁ, ସେ ବେଦର ଋଚାଗୁଡିକୁ ନେଇ କ'ଣ କରିବ ।

ଯିଏ ତାଙ୍କୁ ଜାଣିଥାନ୍ତି, ସେ ଆନନ୍ଦ ପୂର୍ବକ ରହନ୍ତି । ଅଥର୍ବବେଦ ଅନୁସାରେ – ସେହି ପରମାତ୍ମଦେବ କାମନାଗୁଡିକରୁ ରହିତ, ଧୀର, ଅମୃତ, ସ୍ୱୟଂଭୂ, ଆନନ୍ଦରେ ଓତଃପ୍ରୋତ, ତାଙ୍କ ଭିତରେ କୌଣସି ଜିନିଷର ଅଭାବ ନାହିଁ, ତାଙ୍କୁ ଜାଣି ନେଇଥିବା ସାଧକ ମୃତ୍ୟୁକୁ ମଧ୍ୟ ଡରେ ନାହିଁ, ସେ ସର୍ବବ୍ୟାପକ, ଧୀର, ଅଜର ଓ ଅମର ଅଟନ୍ତି ।

ଯଜୁର୍ବେଦରେ ଋଷି କହିଛନ୍ତି – ମୁଁ ଏହି ପରମାତ୍ମା ଦେବସ୍ୱରୂପ ପୁରୁଷଙ୍କୁ ଜାଣିଯାଇଛି, ଯିଏ ମହାନ୍ ଅଟନ୍ତି, ସୂର୍ଯ୍ୟ ଭଳି ତେଜସ୍ୱୀ ଓ ଅନ୍ଧକାରରୁ ଉର୍ଦ୍ଧ୍ୱରେ ଥାଆନ୍ତି, ତାଙ୍କୁ ଜାଣି ମନୁଷ୍ୟ ମୃତ୍ୟୁକୁ ଜିତିପାରେ । ଅମରତା ଦିଗରେ ଯିବାର ଅନ୍ୟ କୌଣସି ଦ୍ୱିତୀୟ ମାର୍ଗ ନାହିଁ ।

ଋଗବେଦ ଅନୁସାରେ– ଯିଏ ସେହି ଜଗତ୍‌ପିତାଙ୍କୁ ଜାଣେ ନାହିଁ, ସେ ସେହି ପ୍ରସାଦକୁ ପ୍ରାପ୍ତ ହେବ ନାହିଁ । ମୁକ୍ତିର ସାଧନ ବ୍ରହ୍ମ ସାକ୍ଷାତ୍କାର । ଏହି ସାକ୍ଷାତ୍କାର ବାହ୍ୟ ଇନ୍ଦ୍ରିୟମାନଙ୍କ ଦ୍ୱାରା କରାଯାଇ ନ ପାରେ । ଏହା ତ ଅନ୍ତଃକରଣରେ ଆତ୍ମାର ପରମାତ୍ମାଙ୍କ ସହିତ ଏକାତ୍ମତା ଦ୍ୱାରା କରାଯାଇ ପାରେ । ପରମାତ୍ମାଦର୍ଶନ ସଦ୍‌ବିଚାର, ସତତ ବ୍ୟବହାର ଓ ଶ୍ରଦ୍ଧା ଦ୍ୱାରା ହିଁ ସମ୍ଭବ । ବ୍ୟକ୍ତି ପରୋକ୍ଷ ତଥା ପ୍ରତ୍ୟକ୍ଷ ଦୁଷ୍କୃତ୍ୟଗୁଡିକରୁ ଦୂରେଇ ଯାଇ ହିଁ ମୋକ୍ଷର ଭାଗୀଦାର ହୋଇଥାଏ । ଅହିଂସା ଆଦି ଧର୍ମାଚରଣ ତଥା ଯୋଗାଭ୍ୟାସ, ଧ୍ୟାନ, ଉପାସନା ଆଦି ମୋକ୍ଷର ଆବଶ୍ୟକ ସାଧନ ।

ଉପନିଷଦ୍‌ରେ ମୋକ୍ଷ ସମ୍ବନ୍ଧୀୟ ବିଚାରଗୁଡିକର ପରିପକ୍ୱତା ଦେଖିବାକୁ ମିଳେ । ମୁଣ୍ଡକ ଉପନିଷଦ୍‌ରେ କୁହାଯାଇଛି – ଯିଏ ପରମାତ୍ମାଙ୍କୁ ଜାଣିନିଏ, ସେ ବ୍ରହ୍ମରୂପ ହୋଇଯାଏ । ଛାନ୍ଦୋଗ୍ୟ ଉପନିଷଦ୍‌ରେ କୁହାଯାଇଛି ଯେ ଏଠାରୁ ବିଦାୟ ନେଲା ପରେ ମୁଁ ବ୍ରହ୍ମଙ୍କ ଠାରେ, ଅର୍ଥାତ୍ ଯାହା ମୋର ଆତ୍ମା, ସେଥିରେ ବିଲୀନ ହୋଇଯିବି । କୌଷୀତକୀ ଉପନିଷଦ୍‌ର କଥନ ହେଲା- ଯେତେବେଳେ ବ୍ୟକ୍ତି ସମସ୍ତ ଇଚ୍ଛାକୁ ଛାଡିଦିଏ, ସେଗୁଡିକୁ ହୃଦୟରୁ ବାହାର କରିଦିଏ, ସେତେବେଳେ ଜଣେ ମରଣଶୀଳ ବ୍ୟକ୍ତି ଅମର ହୋଇଯାଏ । ସେ ବ୍ରହ୍ମଙ୍କୁ ପ୍ରାପ୍ତ କରିନିଏ । ବୃହଦାରଣ୍ୟକ ଉପନିଷଦ୍ କହେ– ତା'ର ପ୍ରାଣ କେଉଁଆଡେ ଯାଏ ନାହିଁ ।


ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

ବର୍ଷ ୨୮, ସଂଖ୍ୟା - ୮, ୨୫ ଫେବୃଆରୀ - ୦୨ ମାର୍ଚ୍ଚ ୨୦୨୪

# ନିର୍ବାଚନ ଆସନ୍ନ: ଦ୍ୱନ୍ଦରେ ସମସ୍ତେ

ଖୁବ୍ ଶୀଘ୍ର ସାଧାରଣ ନିର୍ବାଚନ । ତେବେ ଚାରିଆଡ଼େ ଦ୍ୱନ୍ଦ । କ'ଣ ହେବ ? ରହସ୍ୟକୁ କେହି ଭେଦି ପାରୁ ନାହାନ୍ତି । ନେତା ଠଉରାଇ ପାରୁନାହାନ୍ତି, କର୍ମକର୍ତ୍ତା ବୁଝିପାରୁନାହାନ୍ତି । ସମ୍ଭାବ୍ୟ ଆସନ ବୁଝାମଣା ଚର୍ଚ୍ଚା ଏମିତି ଜୋର୍ ଧରିଛି, ସବୁ ଅଙ୍କ ଗୋଳମାଳ କରି ଦେଇଛି । ରାଜ୍ୟସଭା ପାଇଁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେପି ପ୍ରାର୍ଥୀ କରିବା ଓ ବିଜେଡି ପୁଣି ଥରେ ନିଃସର୍ତ୍ତେ ସମର୍ଥନ ଦେବା ଘଟଣାକୁ ରାଜନୈତିକ ବିଶ୍ଳେଷକ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଚର୍ଚ୍ଚା ହେଉଛି, ବିଜେଡି- ବିଜେପି ଭିତରେ କିଛି ଚାଲିଛି । କିଛି ମାସ ପୂର୍ବରୁ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଗସ୍ତରୁ ଆରମ୍ଭ ହୋଇଥିବା ଏ ଚର୍ଚ୍ଚା ବଢ଼ିଥିଲା । ନିକଟରେ ପ୍ରଧାନମନ୍ତ୍ରୀଙ୍କ ସମ୍ବଲପୁର କାର୍ଯ୍ୟକ୍ରମ ସମୟରେ । ହେଲେ ଅଶ୍ୱିନୀଙ୍କ ରାଜ୍ୟସଭା ନାମାଙ୍କନରୁ ସନ୍ଦେହ ବଢ଼ିଛି । ସତ କେତେ, ମିଛ କେତେ, ବୁଝିବା ମୁସ୍କିଲ । ସମସ୍ତେ ରହସ୍ୟରେ ।

କୁହାଯାଉଛି, ଦିଲ୍ଲୀରୁ ଭୁବନେଶ୍ୱର ଯାଏଁ ବିଜେପି-ବିଜେଡି ଶୀର୍ଷ ନେତୃତ୍ୱ ମଧ୍ୟରେ କିଛି ବଡ଼ ଆଲୋଚନା ଚାଲିଛି । ୨୦୨୪ ନିର୍ବାଚନରେ ଉଭୟ ଦଳ ପରସ୍ପର ସହ ହାତ ମିଳାଇପାରନ୍ତି । ଫେବୃଆରୀ ୨୮ ତାରିଖ ସୁଦ୍ଧା ଏ ନେଇ ଚିତ୍ର ସ୍ପଷ୍ଟ ହୋଇଯିବ । ବଡ଼ କଥା ହେଲା-ଯଦି ବୁଝାମଣା ହୁଏ, କେଉଁ ଆଧାରରେ ହେବ ? ଲିଖିତ ନା ଅଲିଖିତ । ଆସନ ବୁଝାମଣା ହେବ ନା ଭିତିରିଆ ଭାଗ ବଣ୍ଟା କରାଯିବ ? ଏ ପ୍ରଶ୍ନର ଉତ୍ତର ଏବେ ସାରା ଓଡ଼ିଶା ଖୋଜୁଛି । ବିଜେପି ଓ ବିଜେଡିର ନେତାମାନେ ଅପେକ୍ଷା କରିଛନ୍ତି, ଆଗକୁ କ'ଣ ହେବ ? ରହସ୍ୟ ଘେରରେ ସମସ୍ତେ । ଉଭୟ ଦଳର ଟିକଟ ଆଶାୟୀଙ୍କ ନିଦ ହଜିଗଲାଣି । ଆସନ ବୁଝାମଣା ହେଲେ କେଉଁ ନିର୍ବାଚନମଣ୍ଡଳୀ କାହା ଭାଗରେ ପଡ଼ିବ, ଏ ଚିନ୍ତାରେ ସବୁ ଅଙ୍କ ଗୋଳମାଳ । ବିଜେପି ଜାତୀୟ ସମ୍ମିଳନୀରୁ ଫେରିଥିବା ରାଜ୍ୟ ନେତାମାନେ କିନ୍ତୁ ଏଭଳି ଆସନ ବୁଝାମଣା ନେଇ କୌଣସି ସୁରାକ୍ ପାଇ ନାହାନ୍ତି କେନ୍ଦ୍ରୀୟ ନେତୃତ୍ୱ ଠାରୁ । ୨୦୦୦ ଓ ୨୦୦୪ ନିର୍ବାଚନକୁ ବିଜେଡି ଓ ବିଜେପି ଓଡ଼ିଶାରେ ଏକାଠି ହୋଇ ନିର୍ବାଚନ ଲଢ଼ିଥିଲେ । ଆସନ ବୁଝାମଣା ଫର୍ମୁଲା ଥିଲା ୮୪-୬୩ । ବିଜେଡି ୮୪ ଓ ବିଜେପି ୬୩ ବିଧାନସଭା ଆସନରେ ପ୍ରାର୍ଥୀ ଦେଇଥିଲେ । ଲୋକସଭାରେ ବିଜେପି ୯କୁ ବିଜେଡି ୧୨ । ହେଲେ ୨୦୦୯ ନିର୍ବାଚନ ଆଗରୁ ମେଣ୍ଟ ଭାଙ୍ଗିଲା । ଏକାକୀ ନବୀନ ଆଗକୁ ବଢ଼ିଲେ, ବିଜେଡି ବି ଆଗକୁ ମାଡ଼ି ଚାଲିଲା । ବିଜେପି ଖସିଗଲା ୩ ନମ୍ବରକୁ । ଭିତରେ ସ୍ଥିତି ବଦଳିଛି । ବିଜେପି ଏବେ ରାଜ୍ୟର ମୁଖ୍ୟ ବିରୋଧୀ ଦଳ । ଲଗାତାର ଭାବେ ବିଜେଡି ସରକାର ବିରୋଧରେ ଓଡ଼ିଶାରେ ବିଜେପି ଲଢ଼ି ଆସୁଛି । ହେଲେ ବିଜେପି ନେତା ବୁଝି ପାରୁନାହାନ୍ତି, ଏବେ କରିବେ କ'ଣ ? ବିଜେଡି ବିରୋଧରେ ଶାଣିତ ଆକ୍ରମଣ ଆଭିମୁଖ୍ୟକୁ ତେକିବେ ନା ନରମିବେ । ନେତା ଅନେଇଛନ୍ତି ହାଇକମାଣ୍ଡଙ୍କ ସିଗନାଲକୁ । ଆସନ ବୁଝାମଣା ହେବ କି ନାହିଁ, ଖୋଲାଖୋଲି କେନ୍ଦ୍ରୀୟ ନେତା କିଛି ଜଣାଉନାହାନ୍ତି । ମୁଣ୍ଡ ଉପରେ ଭୋଟ । ବିଜେପି ରାଜ୍ୟ ନେତୃତ୍ୱ ଏବେ ଦୋଛକିରେ । ନବୀନଙ୍କୁ ଆକ୍ରମଣ କରିବେ ନା ନାହିଁ । ଏବେ ସମାଲୋଚନା କଲେ, ମେଣ୍ଟ ହେଲେ କ'ଣ କହିବେ ? କେଉଁ ମୁହଁ ନେଇ ତୃଣମୂଳ କର୍ମୀଙ୍କୁ ବୁଝାଇବେ ? ବେଶି ଚିନ୍ତାରେ ବିଜେପି ବିଧାୟକ, ସାଂସଦ ଓ ଟିକଟ ଆଶାୟୀ । ଆସନ ବୁଝାମଣା ହେଲେ ତାଙ୍କ ଆସନର କ'ଣ ହେବ ? ପାଖରେ ରହିବ ନା ସହଯୋଗୀ ଦଳ ଖାତାକୁ ପଳାଇବ ? ବିଜେଡିରେ ବି ସମାନ ସ୍ଥିତି । ପ୍ରତି ଆସନରେ ଦଳରେ ଥୋକେ ଟିକଟ ଆଶାୟୀ । ବର୍ତ୍ତମାନର ବିଧାୟକ, ମନ୍ତ୍ରୀ, ସାଂସଦଙ୍କ ସହ ପ୍ରତି ଆସନରେ ନୂଆ, ପୁରୁଣା କରି ଥୋକେ ଆଶାୟୀ ବିଜେଡି ଟିକଟ ପାଇଁ ରାତିଦିନ ଏକ୍ କରି ଲାଗିଛନ୍ତି । ଏବେ ସମସ୍ତେ ଦ୍ୱନ୍ଦରେ । ଟିକଟ ମିଳିବ ନା ନାହିଁ ? ମେଣ୍ଟ ହେଲେ ଏ ଆସନ ସହଯୋଗୀ ଦଳକୁ ଯିବନି ତ ? ଏମିତି ହେଲେ ବର୍ଷବର୍ଷର ସବୁ ପରିଶ୍ରମ, ଧାଁ ଧପଡ଼ର କିଛି ମୂଲ୍ୟ ରହିବନି । ଏ ଚିନ୍ତାରେ ଆଶାୟୀଙ୍କ ମୁଣ୍ଡ ଗୋଲ୍ । ବିଜେଡିରେ ନେତା, ଆଶାୟୀ ହାଉଯାଉ ଥିବାବେଳେ ଆସନ ବୁଝାମଣା ଚର୍ଚ୍ଚା ନେତାଙ୍କ ହୋସ୍ ଉଡ଼ାଇ ଦେଲେଣି । କାଲି ଯାଏଁ ଯିଏ କହୁଥିଲେ, ଟିକଟ ପକେଟରେ ଧରି ବୁଲୁଛି, ଏବେ ପାଟି ଖିନି ବାଜିଲାଣି । ବିଜେଡି-ବିଜେପିକୁ ନେଇ ଚାଲିଥିବା ଏହି ବୁଝାମଣା ଚର୍ଚ୍ଚାକୁ ଚାତକ ଭଳି ଅନେଇ ବସିଛି କଂଗ୍ରେସ । ଯଦି ବିଜେପି- ବିଜେଡିର ଆସନ ବୁଝାମଣା ହୋଇଗଲା, କଂଗ୍ରେସର ଶୁଖିଲାରେ ବଲ୍ଲେ ବଲ୍ଲେ । ଅର୍ଥାତ୍ ଆପେ କଂଗ୍ରେସ ରାଜ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦୀ ହୋଇଯିବ । ୧୬%କୁ ଖସି ଆସିଥିବା କଂଗ୍ରେସ ଭୋଟ ହାର ବି ଆପେ ବଢ଼ିଯିବ ବୋଲି ଦଳ ଆଶା କରିଛି । ଏ ସୁଯୋଗ ଅପେକ୍ଷାରେ ଦଳ ପାଟିରୁ ଲାଳ ଗଡ଼ିଲାଣି । ଯଦି ବିଜେପି-ବିଜେଡି ଭିତରେ ଆସନ ବୁଝାମଣା ହୁଏ, ତେବେ ଉଭୟ ଦଳର ବହୁ ଅସନ୍ତୁଷ୍ଟ କଂଗ୍ରେସ ମୁହାଁ ହୋଇପାରନ୍ତି । ଏମିତିକି ଦଳ ଛାଡ଼ିଥିବା କିଛି ପୁରୁଣା ନେତା ବି ଫେରିପାରନ୍ତି ତେଣୁ କଂଗ୍ରେସ ଶେଷ ଯାଏଁ ଅପେକ୍ଷା କରିବ, ଆଗକୁ କ'ଣ ହେଉଛି ଜାଣିବା ପାଇଁ । ବର୍ତ୍ତମାନ ସ୍ଥିତି ଯାହା, ସମସ୍ତେ ରହସ୍ୟ ଘେରରେ । ନା ବିଜେପି ନେତା କହିପାରୁଛନ୍ତି କ'ଣ ହେବ ? ' ନା ବିଜେଡି ନେତାଏ ବୁଝିପାରୁଛନ୍ତି କ'ଣ ହେବାକୁ ଯାଉଛି । ଅପରପକ୍ଷରେ ଏ ଦୁଇ ଦଳଙ୍କୁ ଏକାଠି ଦର୍ଶାଇ କଂଗ୍ରେସ କେବଳ ବାହାଘର ଆୟୋଜନରେ ମାତିଛି ।



# ବୁଦ୍ଧଙ୍କର ମାର୍ଗ

## ମହାତ୍ମା ଗାନ୍ଧୀ

ଏହା ମୋ'ର ସୁଚିନ୍ତିତ ମତ ଯେ, ବୁଦ୍ଧଦେବଙ୍କ ଶିକ୍ଷାଚୟର ସାରପୂର୍ଣ୍ଣ ଅଂଶଟି ବର୍ତ୍ତମାନ ହିନ୍ଦୁ ଧର୍ମର ଏକ ଅଂଶୀଭୂତ ଅଂଶରେ ପରିଣତ ହୋଇ ରହିଛି । ଗୌତମ ବୁଦ୍ଧ ହିନ୍ଦୁ ଧର୍ମରେ ଯେଉଁ ବୃହତ୍ ସଂସ୍କାରର ପ୍ରବର୍ତ୍ତନ କରିଥିଲେ, ହିନ୍ଦୁ ଭାରତବର୍ଷ ପକ୍ଷରେ ଆଜି ନିଜର ଗତିକୁ ଫେରାଇ ନେଇ ପୁନର୍ବାର ତା'ର ପଛକୁ ଚାଲିଯିବା ଆଦୌ ସମ୍ଭବ ନୁହେଁ । ତାଙ୍କର ବିପୁଳ ଆତ୍ମୋତ୍ସର୍ଗ ଏବଂ ଉଦାର ତ୍ୟାଗଦ୍ୱାରା ଓ ତାଙ୍କ ଜୀବନର ନିର୍ମଳ ବିଶୁଦ୍ଧତା ଦ୍ୱାରା ସେ ହିନ୍ଦୁଧର୍ମ ଉପରେ ଏକ ପ୍ରଭାବ ପକାଇଗଲେ, ଯାହାକୁ କି କଦାପି ପ୍ରତ୍ୟାଖ୍ୟାନ କରି ହେବନାହିଁ । ସେହି ମହାନ୍ ଗୁରୁଙ୍କ ପାଖରେ ହିନ୍ଦୁଧର୍ମ ଚିରକାଳ ନିମନ୍ତେ ଋଣୀ ହୋଇ ରହିବ । ବର୍ତ୍ତମାନ ବୌଦ୍ଧ ଧର୍ମ କହିଲେ ଯାହା ବୁଝାଉଛି, ହିନ୍ଦୁ ଧର୍ମ ତାହାର ଯେଉଁ ଅଂଶଟିକୁ ଗ୍ରହଣ କଲାନାହିଁ, ତାହା ବୁଦ୍ଧଙ୍କର ଜୀବନ ତଥା ଶିକ୍ଷାର ଆଦୌ ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ନଥିଲା ।

ମୋ'ର ସୁଦୃଢ଼ ମତ ଯେ, ବୌଦ୍ଧ ଧର୍ମ, ଅଥବା, ବରଂ ବୁଦ୍ଧଙ୍କର ଶିକ୍ଷାଗୁଡ଼ିକ ଭାରତବର୍ଷରେ ଆପଣାର ପୂର୍ଣ୍ଣତା ସହିତ ବିକଶିତ ହୋଇ ପାରିଥିଲା ଏବଂ ଏହି କଥା କଦାପି ଅନ୍ୟପ୍ରକାରେ ହୋଇ ନଥାନ୍ତା, କାରଣ ଗୌତମ ସ୍ୱୟଂ ଜଣେ ଖାଣ୍ଟି ହିନ୍ଦୁ ହିଁ ଥିଲେ । ହିନ୍ଦୁ ଧର୍ମର ସର୍ବୋତ୍ତମ ଉପାଦାନଗୁଡ଼ିକରେ ସେ ଅନୁସିକ୍ତ ହୋଇ ରହିଥିଲେ । ବେଦରେ ଯେଉଁସବୁ ଶିକ୍ଷା ନିହିତ ହୋଇ ରହିଥିଲା, ମାତ୍ର ଯାହା ଚାରିପାଖରେ ନାନା ଅନାବଶ୍ୟକ ଉପାଦାନ ବାଲୁଙ୍ଗା ପରି ମାଡ଼ିଯାଇ ତାହାକୁ ଘୋଡ଼ାଇ ପକାଇଥିଲା, ବୁଦ୍ଧଦେବ ତନ୍ମଧ୍ୟରୁ କେତେଗୁଡ଼ିକୁ ନୂତନ ଜୀବନ ଦାନ କରିଥିଲେ । ତାଙ୍କର ମହାନ୍ ହିନ୍ଦୁ ଭାବଟି ବେଦରେ ରହିଥିବା ଉଜ୍ଜ୍ୱଳ ସତ୍ୟଟିକୁ ଘୋଡ଼ାଇ ରଖିଥିବା ତୁଚ୍ଛା ଶବ୍ଦଜାଲ, ନିରର୍ଥକ ଶବ୍ଦଜାଲର ଜଙ୍ଗଲ ଭିତରେ ଆପଣାର ବାଟଟିକୁ କାଟି ଚାଲି ଯାଇଥିଲା । ବେଦର କେତୋଟି ଶବ୍ଦରୁ ସେ ଏପରି ଏକ ଅର୍ଥ ବାହାର କଲେ, ଯାହା ସହିତ କି ତାଙ୍କ କାଳର ମନୁଷ୍ୟମାନେ ଆଦୌ ପରିଚିତ ନ ଥିଲେ ଏବଂ ସେ ଭାରତ ବର୍ଷରେ ହିଁ ତାଙ୍କର ବାଣୀ ପ୍ରଚାର ଲାଗି ସବୁଠାରୁ ଅଧିକ ଅନୁକୂଳ ମୃତ୍ତିକାକୁ ଆବିଷ୍କାର କରିଥିଲେ । ବୁଦ୍ଧଦେବ ଯେଉଁଠାକୁ ଗଲେ, ଅଣହିନ୍ଦୁମାନେ ନୁହନ୍ତି, ହିନ୍ଦୁମାନେ ହିଁ ତାଙ୍କର ଅନୁଗମନ କରୁଥିଲେ ଓ ତାଙ୍କୁ ବେଷ୍ଟନ କରି ରହୁଥିଲେ । ସେହି ହିନ୍ଦୁମାନେ ସ୍ୱୟଂ ବୈଦିକ ବିଧାନଦ୍ୱାରା ଅନୁସିକ୍ତ ହୋଇ ରହିଥିଲେ । ମାତ୍ର, ବୁଦ୍ଧଙ୍କର ହୃଦୟ ପରି ତାଙ୍କର ଶିକ୍ଷା ମଧ୍ୟ ସର୍ବପ୍ରସାରୀ ଏବଂ ସର୍ବସ୍ୱୀକାରୀ ଥିଲା ତେଣୁ ତାହା ବୁଦ୍ଧଙ୍କର ନିର୍ବାଣ ପ୍ରାପ୍ତିର ପରେ ମଧ୍ୟ ବଞ୍ଚି ରହିଲା ଏବଂ ସମସ୍ତ ପୃଥିବୀରେ ବ୍ୟାପ୍ତ ହୋଇ ଯାଇଥିଲା । କେହି ଇଚ୍ଛା କଲେ ମୋତେ ବୁଦ୍ଧଙ୍କର ଜଣେ ଅନୁଗାମୀ ବୋଲି କହୁ ପଛକେ, ମୁଁ ଏହି କୃତିତ୍ୱକୁ ହିନ୍ଦୁ ଧର୍ମର ଗୋଟିଏ ବିଜୟ ବୋଲି ହିଁ ଦାବି କରିବି । ବୁଦ୍ଧଦେବ କେବେହେଲେ ହିନ୍ଦୁ ଧର୍ମକୁ ପ୍ରତ୍ୟାଖ୍ୟାନ କରି ନଥିଲେ, ମାତ୍ର ସେ ତାହାର ଭୂମିଟିକୁ ଅଧିକ ପ୍ରଶସ୍ତ କରି ଦେଇଥିଲେ । ସେ ଏହାକୁ ଏକ ନୂତନ ଜୀବନ ଓ ନୂତନ ବ୍ୟାଖ୍ୟା ଆଣି ଦେଇଥିଲେ । ମାତ୍ର, ମୁଁ ତୁମମାନଙ୍କୁ ଏହି କଥାଟି ମଧ୍ୟ କହିବାକୁ ଇଚ୍ଛା କରୁଛି ଯେ, ବୁଦ୍ଧ ଦେବଙ୍କର ଶିକ୍ଷା ଓ ବାଣୀ ଏପରି ସମ୍ପୂର୍ଣ୍ଣ ଭାବରେ ସିଂହଳରେ, ବ୍ରହ୍ମଦେଶରେ, ଚୀନ୍‌ରେ ଓ ତିବ୍ବତରେ ମଧ୍ୟ ଗୃହୀତ ହୋଇ ପାରି ନଥିଲା ।


ମୁଁ ବହୁବାର ଏପରି ଯୁକ୍ତି ଉପସ୍ଥାପିତ କରାଯିବାର ଶୁଣିଛି ଏବଂ ବୌଦ୍ଧ ଧର୍ମର ଅସଲ ମର୍ମଟିକୁ ବ୍ୟକ୍ତ କରୁଛନ୍ତି ବୋଲି ଦାବି କରୁଥିବା ପୁସ୍ତକମାନଙ୍କରେ ମଧ୍ୟ ମୁଁ ପାଠ କରିଛି ଯେ, ବୁଦ୍ଧଦେବ ଭଗବାନଙ୍କୁ ବିଶ୍ୱାସ କରୁ ନଥିଲେ । ମୋ'ର ବିନମ୍ର ମତ ଅନୁସାରେ ଏପରି ବିଶ୍ୱାସ ବୁଦ୍ଧଦେବଙ୍କର ଶିକ୍ଷାର କେନ୍ଦ୍ରସ୍ଥ ସତ୍ୟଟିର ହିଁ ବିରୁଦ୍ଧାଚରଣ କରୁଛି । ବୁଦ୍ଧଦେବଙ୍କର କାଳରେ ଯେଉଁସବୁ ହୀନ କଥାଗୁଡ଼ିକ ଭଗବାନଙ୍କର ନାମରେ ପ୍ରଚଳିତ ଥିଲା, ସେ ଅତ୍ୟନ୍ତ ନ୍ୟାୟୋଚିତଭାବରେ ସେଗୁଡ଼ିକର ପ୍ରତ୍ୟାଖ୍ୟାନ କରିଥିବାରୁ ଏହିପରି ଏକ ଭ୍ରମର ସୃଷ୍ଟି ହୋଇଛି । ଭଗବାନ ନାମକ ଜଣେ ସତ୍ତା ଈର୍ଷା ଦ୍ୱାରା ପରିଚାଳିତ ହୁଅନ୍ତି । ଆପଣାର କାର୍ଯ୍ୟଗୁଡ଼ିକ ସକାଶେ ଅନୁତାପ କରନ୍ତି । ଏହି ସଂସାରର ରାଜାମାନଙ୍କ ପରି ହୁଏତ ପ୍ରଲୋଭନ ଏବଂ ପରିତୋଷଣ ପ୍ରଭୃତିର ଅଧୀନ ହୋଇ ରହିଥାନ୍ତି ଏବଂ ହୁଏତ ତାଙ୍କର ଖାସ୍ ପ୍ରିୟ ଜନମାନେ ମଧ୍ୟ ରହିଥାନ୍ତି, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ବୁଦ୍ଧଦେବ ଏହି ଧାରଣାଟିକୁ ପ୍ରତ୍ୟାଖ୍ୟାନ କରିଥିଲେ । ଭଗବାନ ନାମକ ଏକ ସତ୍ତାକୁ ସନ୍ତୁଷ୍ଟ କରିବା ନିମନ୍ତେ ପଶୁମାନଙ୍କର ସଦ୍ୟ ରକ୍ତ ଆବଶ୍ୟକ ହେଉଥିଲା- ସେହି ପଶୁମାନଙ୍କୁ ମଧ୍ୟ ସେ ସ୍ୱୟଂ ସୃଷ୍ଟି କରିଥିଲେ, ବୁଦ୍ଧଙ୍କର ସମସ୍ତ ଆତ୍ମା ଏଥିରେ ତୀବ୍ରଭାବରେ ବିଦ୍ରୋହ କରି ଉଠିଥିଲା । ତେଣୁ ବୁଦ୍ଧଦେବ ଭଗବାନଙ୍କୁ ଆଣି ତାଙ୍କର ଯଥାର୍ଥ ସିଂହାସନରେ ପୁନଃ ପ୍ରତିଷ୍ଠିତ କରି ଦେଇଥିଲେ ଏବଂ ସେହି ସମୟଟିରେ ସେହି ଶୁଭ୍ର ସିଂହାସନରେ ଆସି ବସିଥିବା ପରି ମନେ ହେଉଥିବା ଅପହରଣକାରୀକୁ ସିଂହାସନଚ୍ୟୁତ କରାଇଥିଲେ । ଏହି ବିଶ୍ୱସଂସାର ଯେ ଏକ ଶାଶ୍ୱତ ଏବଂ ଅପରିବର୍ତ୍ତନୀୟ ମୌଳିକ ଶାସନଦ୍ୱାରା ଶାସିତ ହେଉଛି, ସେ ତାହାରି ଉପରେ ଗୁରୁତ୍ୱ ଦେଇଥିଲେ ଏବଂ ପୁନର୍ବାର ତାହାର ଘୋଷଣା କରିଥିଲେ । ଆଦୌ କୌଣସି କୁଣ୍ଠା ନରଖି ସେ ସ୍ୱୟଂ ଭଗବାନ ହିଁ ତାଙ୍କର ବିଧାନ ବୋଲି କହିଥିଲେ ।

ଈଶ୍ୱରଙ୍କର ବିଧାନଗୁଡ଼ିକ ଶାଶ୍ୱତ ଏବଂ ଅପରିବର୍ତ୍ତନୀୟ  ସେଗୁଡ଼ିକୁ ଆମେ କଦାପି ତାଙ୍କଠାରୁ ଅଲଗା କରି ବିଚାର କରି ପାରିବା ନାହିଁ । ଏହା ହେଉଛି ତାଙ୍କ ସର୍ବ ପରିପୂର୍ଣ୍ଣତାର ଏକ ଅପରିହାର୍ଯ୍ୟ ସର୍ତ୍ତ ।  ଏହି କାରଣରୁ ହିଁ ଏକ ଭ୍ରମ ଧାରଣା ସୃଷ୍ଟି ହୋଇଛି ଯେ ବୁଦ୍ଧଦେବ ଭଗବାନଙ୍କର ଅସ୍ତିତ୍ୱରେ ବିଶ୍ୱାସ କରୁ ନଥିଲେ ଏବଂ କେବଳ ନୈତିକ ବିଧାନ ଉପରେ ବିଶ୍ୱାସ କରୁଥିଲେ । ସ୍ୱୟଂ ଭଗବାନଙ୍କ ସମ୍ବନ୍ଧରେ ଏହି ଭ୍ରମଟି ରହିଥିବାରୁ ସେହି ମହାନ୍ ଶବ୍ଦ 'ନିର୍ବାଣ'କୁ ଯଥାର୍ଥଭାବରେ ବୁଝିବାରେ ମଧ୍ୟ ଏକ ଭ୍ରମ ଜନ୍ମଲାଭ କରିଥିଲା । ନିର୍ବାଣ କହିଲେ ଯେ ସମ୍ପୂର୍ଣ୍ଣଭାବରେ ନିର୍ବାପିତ ହୋଇଯିବାକୁ ଆଦୌ ବୁଝାଏ ନାହିଁ, ଏଥିରେ କୌଣସି ସନ୍ଦେହ ନାହିଁ । ବୁଦ୍ଧ ଜୀବନର ମୂଳ କଥାଟିକୁ ମୁଁ ଯେତିକି ବୁଝି ପାରିଛି, ଆମ ଭିତରେ ଯାହାକିଛି ନିମ୍ନ ଓ ନୀଚସ୍ତରୀୟ, ଯାହାକିଛି ପାପଯୁକ୍ତ, ଯାହାକିଛି ଦୁର୍ନୀତିଦ୍ୱାରା ଗ୍ରସ୍ତ ଏବଂ ବିକାରଶୀଳ, ସେହିଗୁଡ଼ିକର ନିର୍ବାପନ ହେଉଛି ନିର୍ବାଣ । ନିର୍ବାଣ କହିଲେ ଶ୍ମଶାନର ସେହି କୃଷ୍ଣବର୍ଣ୍ଣ ଜୀବନହୀନ ଶାନ୍ତିକୁ ଆଦୌ ବୁଝାଏ ନାହିଁ, ମାତ୍ର ପ୍ରକୃତରେ ଆତ୍ମାର ସେହି ଜୀବନ୍ତ ଶାନ୍ତି ତଥା ଜୀବନ୍ତ ସୁଖକୁ ବୁଝାଏ, ଯାହାକି ନିଜ ବିଷୟରେ ସଚେତନ ଥାଏ । ପରମ ଶାଶ୍ୱତଙ୍କର ହୃଦୟ ମଧ୍ୟରେ ନିଜର ଆପଣା ସଦନଟିର ସନ୍ଧାନ ପାଇଥିବା ବିଷୟରେ ମଧ୍ୟ ସଚେତନ ରହିଥାଏ ।

ଭଗବାନଙ୍କୁ ତାଙ୍କର ଶାଶ୍ୱତ ଆସନରେ ଆଣି ପୁନସ୍ଥାପିତ କରିବାକୁ ହିଁ ମୋ'ର ବିନମ୍ର ମତରେ ବୁଦ୍ଧଦେବଙ୍କର ମାନବଜାତି ନିମନ୍ତେ ମହାନ୍ ଅବଦାନ ବୋଲି କୁହାଯିବ ଯେଉଁ ଜୀବନ ଯେତେ ନିମ୍ନରେ ଥାଉ ପଛକେ, ସମଗ୍ର ଜୀବନ ପ୍ରତି ତାଙ୍କର ସେହି ଅନମନୀୟ ସମ୍ମାନବୋଧ, ତାହାକୁ ମନୁଷ୍ୟଜାତି ଲାଗି ତାଙ୍କର ଏକ ଅଧିକ ବୃହତ୍ ଅବଦାନ ବୋଲି କୁହାଯିବ ।

# ଦେହକୁ ଉତ୍ତମ ପାନ

ଗୋଟିଏ ପାନପତ୍ରକୁ ଛେଚି ସେହି ରସରେ ଅଧଚାମଚ ମହୁ ମିଶାଇ ଚାଟି ଖାଇଲେ ଛାତିରେ ଜମା ହୋଇଥିବା କଫରୁ ଉପଶମ ମିଳିଥାଏ ।




ସଂଗୀତକାରମାନଙ୍କ କ୍ଷେତ୍ରରେ ପାନରସ ବହୁ ଉପକାରୀ । ଗୋଟିଏ ପାନପତ୍ର ରସରେ ୫ ବୁନ୍ଦା ମହୁ ଓ ୫ ବୁନ୍ଦା ଅଦାରସ ମିଶାଇ ସେବନ କଲେ ସ୍ୱରଭଙ୍ଗ, ଥଣ୍ଡା, କାଶ, କଫ ଦୂର ହୋଇଥାଏ ।

ଶିଶୁ ବା ବୃଦ୍ଧ ରୋଗୀମାନଙ୍କର ଝାଡ଼ା ହେଉ ନଥିଲେ, ପାନପତ୍ରର ଡେଙ୍ଗକୁ ମଳଦ୍ୱାରରେ ପୂରାଇ ଅଳ୍ପ କିଛି ସମୟ ରଖିଲେ ଝାଡ଼ା ତତ୍‌କ୍ଷଣାତ୍ ହୋଇଥାଏ । ପାନପତ୍ର ମକଚି କଳରେ ଜାକିଲେ ପାୟରିଆ ଓ ଦାନ୍ତର ଯାବତୀୟ ରୋଗ ଦୂର ହୋଇଥାଏ ।  ପାନପତ୍ର ଆନ୍ତ୍ରିକ ରୋଗ ଓ କୃମିନାଶ ପାଇଁ ବହୁ ସାହାଯ୍ୟ କରିଥାଏ । କାନ ବିନ୍ଧୁଥିଲେ ଗୋଟିଏ ପାନପତ୍ର ରସକୁ ସାମାନ୍ୟ ଉଷୁମକରି କାନରେ ପକାଇଲେ କାନ ବିନ୍ଧା ଭଲ ହୋଇଥାଏ ।

# କ୍ଷୀର କ୍ଷୟ କରେ ଚର୍ବି

ନିକଟରେ ଫ୍ରାନ୍ସର କିଛି ବୈଜ୍ଞାନିକଙ୍କ (ଟୁଉଲଥ୍ ୟୁରୋଫେଡ୍ ଲିପିଡ୍ କଂଗ୍ରେସ)ର ପରୀକ୍ଷାରୁ ଜଣାପଡିଛି ଯେ ଦିନକୁ ଦୁଇ ଗ୍ଲାସ କ୍ଷୀର ପିଇବା ଦ୍ୱାରା ଶରୀରକୁ କୋଲେଷ୍ଟ୍ରୋଲକୁ ନଷ୍ଟ କରିବା ସହିତ ହୃଦୟର ସଠିକ୍ ପରିଚାଳନା  ମଧ କରିବାରେ ସହାୟ କରିଥାଏ । କିଛି ଅନୁସନ୍ଧାନୀ ମଧ କହୁଛନ୍ତି କ୍ଷୀର ଜାତୀୟ ଦ୍ରବ୍ୟ ଖାଇବା ଦ୍ୱାରା କୋଲେଷ୍ଟ୍ରୋଲ, ଚର୍ବିର ପରିମାଣ ବଢ଼େଇବା ଏବଂ ଓଜନ ବଢ଼େଇବାର ଆଶଙ୍କାକୁ କ୍ଷୟ କରିଥାଏ ।  କ୍ଷୀର ଜାତୀୟ ପଦାର୍ଥରେ ନ୍ୟୁଟ୍ରିଏଣ୍ଟ ପରିମାଣ ଅତ୍ୟଧିକ ମାତ୍ରାରେ ରହିଥାଏ । ଯାହା ଫଳରେ ନିତିଦିନ କ୍ଷୀର ପିଇବା ଦ୍ୱାରା ଶରୀରରେ ମେଦହ୍ରାସ, ମଧୁମେହକୁ କମାଇବାରେ ସହାୟକ ହେବା ସଙ୍ଗେ ସଙ୍ଗେ ଶରୀରକୁ ସମ୍ପୂର୍ଣ୍ଣ ଶକ୍ତି ଯୋଗାଇଥାଏ ।

# ସ୍ୱର୍ବେଦ




ତିନ ଅନାଦି ଏକ ୱାଦ ହୈ,
ଦ୍ୱୈତୱାଦ ୱନ ୱାଦ ।
ସମ୍ପ୍ରଦାୟ ମତ ଜାନିଏ, ୟହ
ସବ ଭ୍ରମ ୱିୱାଦ ॥୦୫॥

ଭାଷ୍ୟ - ବଣ ସଦୃଶ ଏହି ସମ୍ପ୍ରଦାୟଗୁଡ଼ିକରେ ଏକ ଦ୍ୱୈତବାଦ ଅଛି ଆଉ ତ୍ରୟ-ଅନାଦି-ବାଦ ମଧ୍ୟ ରହିଛି । ଏସବୁ ଭ୍ରମାତ୍ମକ ଏବଂ ବିବାଦିତ ମତ ସମ୍ପ୍ରଦାୟଗୁଡ଼ିକର ଅଟେ ।

ପ୍ରାକୃତ ତର୍କ ୱିତର୍କ ହୈ,
ବୁଧିମୂଲକ ହୈ ଜ୍ଞାନ ।
ଅନୁଭୱ ମେଁ ଅନୁଭୱ ମିଲୈ,
ତବ ପୂରଣ ୱିଜ୍ଞାନ ॥୦୬॥

ଭାଷ୍ୟ - ଏ ସମସ୍ତ ସମ୍ପ୍ରଦାୟଗୁଡ଼ିକରେ ବୁଦ୍ଧି ଦ୍ୱାରା ନିଶ୍ଚୟ କରାଯାଇଥିବା ଜ୍ଞାନ ରହିଛି । ଭୌତିକ ତର୍କ ବିତର୍କ ଦ୍ୱାରା ନିଶ୍ଚିତ କରାଯାଇଥିବା ଜ୍ଞାନ ନିର୍ଭ୍ରାନ୍ତ ହୋଇ ନ ପାରେ । ଯେତେବେଳେ ଯୋଗୀଜନ୍ୟ ଅନୁଭବରେ ସତ୍ୟଜ୍ଞାନ ପ୍ରାପ୍ତହୁଏ ସେତେବେଳେ ଭ୍ରାନ୍ତିରହିତ ପୂର୍ଣ୍ଣ ଜ୍ଞାନ ପ୍ରାପ୍ତ ହୋଇଥାଏ ।

ୱହ ନ ହୋୟ ଷଟ ୱାଦ ମେଁ,
ୱହ ନ ହୋୟ ସମ୍ବାଦ ।
ଗଣିତ ଏକ ଦୋ ନହିଁ ବନେ,
ଚେତନ ଅନୁଭୱ ସ୍ୱାଦ ॥୦୭॥

ଭାଷ୍ୟ - ସେହି ପରଂବ୍ରହ୍ମ ଷଟ୍‌ବାଦ ଅଥବା ବିତଣ୍ଡାବାଦରେ ରହି ନଥାନ୍ତି, ନା ସେଥିରେ ଏକ ଦୁଇର ଗଣନା ହୋଇଥାଏ । ସେହି ଚେତନ ଆତ୍ମା ଦ୍ୱାରା ସାକ୍ଷାତ୍‌କାର ଆଉ ତାଙ୍କର ଆନନ୍ଦର ଉପଭୋଗ ହୋଇଥାଏ ।

ଜୋ ଚାହେ ସିଦ୍ଧାନ୍ତ କୋ,
ସଦ୍‌ଗୁରୁ ଶରଣ ସମାୟ ।
ଆପ୍ତ ୱଚନ ଆଦେଶ ହୈ,
ମୋହ ଶୋକ ଭ୍ରମ ଜାୟ ॥୦୮॥

ଭାଷ୍ୟ - ସତ୍ୟ ସିଦ୍ଧାନ୍ତ ତତ୍ତ୍ୱଜ୍ଞାନରେ ଇଚ୍ଛୁକ ସଦ୍‌ଗୁରୁ ଶରଣ ପ୍ରାପ୍ତ ହୋଇ ତାଙ୍କର ବଚନ, ଆଦେଶ ଅନୁସାରେ ଆଧ୍ୟାତ୍ମ ପଥରେ ପ୍ରବେଶ କରି ଯେତେବେଳେ ଲକ୍ଷ୍ୟକୁ ପ୍ରାପ୍ତ ହୁଅନ୍ତି, ସେତେବେଳେ ସମସ୍ତ ଭ୍ରମ, ମୋହ ଏବଂ ଶୋକ ନଷ୍ଟ ହୋଇଯାଏ ଆଉ ବାସ୍ତବିକ ସତ୍ୟ ସିଦ୍ଧାନ୍ତର ବୋଧ ଆଉ ଶାନ୍ତି ଲାଭ ହୋଇଥାଏ ।

ସତ ମାରଗ ସୋଇ ଜାନିୟେ,
ଚେତନ ସାଧନ ହୋୟ ।
ଜଡ଼ ମାୟା ସେ ପୃଥକ ହୈ,
ଚେତନ ଅନୁଗମ ସୋୟ ॥୦୯॥

ଭାଷ୍ୟ - ଜଡ଼ ଅନାତ୍ମ ଜଗତରୁ ପୃଥକ ହୋଇ ଶୁଦ୍ଧ ଚେତନ ଆତ୍ମାର ସାଧନରେ ଅନୁଭବ ଦ୍ୱାରା ଯେଉଁ ଯଥାର୍ଥ ଜ୍ଞାନ ଆହରଣ କରାଯାଏ ତାହା ବାସ୍ତବିକ ସତ୍ୟ ମାର୍ଗ ଅଟେ ।

ପ୍ରକୃତି ପାର ସୋ ୱସ୍ତୁ ହୈ,
ପ୍ରକୃତୀ ମେଁ କିମି ଆୟ ।
ଇନ୍ଦ୍ରିୟ ଅନ୍ତଃକରଣ ଜୋ,
ପ୍ରାଣ ୱହାଁ ନହିଁ ଜାୟ ॥୧୦॥

ଭାଷ୍ୟ - ପରଂବ୍ରହ୍ମ ପ୍ରକୃତିପାର ବସ୍ତୁ ଅଟନ୍ତି । ତାଙ୍କୁ ପ୍ରକୃତିରେ କେମିତି ଅନୁଭବ କରିହେବ, କାହିଁକି ନା ଇନ୍ଦ୍ରିୟ, ଅନ୍ତଃକରଣ ଆଉ ପ୍ରାଣ ସେଠାକୁ ଯାଆନ୍ତି ନାହିଁ । ଅତଏବ ପ୍ରକୃତିପାର ବସ୍ତୁର ପ୍ରାପ୍ତି ନିମନ୍ତେ ପ୍ରକୃତିପାରର ଜ୍ଞାନ ଓ ଅନୁଭବ ହେବା ଉଚିତ ।

# ଥଣ୍ଡାରୁ ରକ୍ଷା କରିବ ଦହି

ସାଧାରଣ ଥଣ୍ଡାରୁ ମୁକ୍ତି ପାଇବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଦହି ସହାୟକ ହୋଇପାରେ ବୋଲି ଏକ ନୂଆ ଅଧ୍ୟୟନ ଦାବି କରିଛି । ସାଧାରଣତଃ ଥଣ୍ଡାରେ ନାକରୁ ପାଣି ବାହାରିଲେ କିମ୍ବା ତଣ୍ଟି ଦରଜ ହେଲେ ଆମେ ଘରୋଇ ଉପଚାର ଆପଣେଇଥାଉ । ହର୍ବାଲ ଚା' ଅଦା, ମହୁ ଆଦି ମିଶ୍ରଣରେ ପ୍ରସ୍ତୁତ ପାନୀୟ ସୁପ୍, ଆଦି ଥଣ୍ଡା ଓ କଫ ଦୂର କରିବାରେ ରାମବାଣ ଭଳି କାମ କରେ । ଏହି ସବୁ ଘରୋଇ ଉପଚାରରେ ଦହି ସାମିଲ କରିବାକୁ ଏବେ ଗବେଷକମାନେ ପ୍ରସ୍ତାବ ଦେଇଛନ୍ତି । ତେବେ ଅଧିକାଂଶ ଗବେଷକ ଥଣ୍ଡାରେ ଦହିର ଉପକାରିତା ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ । କିନ୍ତୁ ଦହିରେ ଥିବା ପ୍ରୋବାୟୋଟିକ୍ସ ରୋଗ ପ୍ରତିରୋଧକ ପ୍ରଣାଳୀକୁ ଆହୁରି ମଜବୁତ୍ କରେ ବୋଲି ନ୍ୟୁଟ୍ରିସନ୍



ରିସର୍ଚ୍ଚ ଫର ନ୍ୟାସନାଲ ଡେରି କାଉନସିଲର ଭାଇସ୍ ପ୍ରେସିଡେଣ୍ଟ ମାଇକି ରୁବିନ୍ କହିଛନ୍ତି ।

# ଭାରତୀୟ ସଂସ୍କୃତିର...

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ବ୍ରହ୍ମ ହେବା କାରଣରୁ ସେ ବ୍ରହ୍ମଙ୍କୁ ପ୍ରାପ୍ତ କରିନିଏ । ମୋକ୍ଷ ପରମାନନ୍ଦର ସ୍ଥିତି ହୋଇଥାଏ । ଏହା ତ ସତ୍ୟ, ପ୍ରକାଶ ତଥା ଅମରତ୍ୱର ଲୋକ ହୋଇଥାଏ ।

ଭାରତୀୟ ଦର୍ଶନରେ ମୋକ୍ଷକୁ ମୂଲ୍ୟ ରୂପରେ ସ୍ଥାନ ମିଳିଛି । ଏହାର ଏହି ବିଶେଷତା ଏହାକୁ ପାଶ୍ଚାତ୍ୟ ତତ୍ତ୍ୱଚିନ୍ତନ ଠାରୁ ଅଲଗା କରିଛି । ପାଶ୍ଚାତ୍ୟ ଚିନ୍ତନ ଅନୁସାରେ- ମାନବ ଜୀବନର ଲକ୍ଷ୍ୟ ହେଉଛି ନୈତିକତା ବା ଧାର୍ମିକ ଜୀବନ ତଥା ମାନବତାର ସେବା, ପରନ୍ତୁ ଭାରତୀୟ ଋଷିଗଣଙ୍କ ଅନୁସାର – କେବଳ ସାଧନା ହେଉଛି ମୂଲ୍ୟ, ସାଧ ମୂଲ୍ୟ ହେଉଛି ମୋକ୍ଷ ।

ନ୍ୟାୟଦର୍ଶନ ଅନୁସାରେ – ଏହା ହେଉଛି ଦୁଃଖଗୁଡିକର ଆତ୍ୟନ୍ତିକ ନିବୃତ୍ତି । ବୈଶେଷିକ ସୂତ୍ର ଅନୁସାରେ- କର୍ମଗୁଡିକର ଅନ୍ତ ହୋଇଯିବା ପରେ ଆତ୍ମାର ଶରୀର ସହିତ ସମ୍ବନ୍ଧ ସମାପ୍ତ ହୋଇଯାଏ । ଜୀବନ– ମରଣ ଚକ୍ରର ଏହି ସମାପ୍ତି ହେଉଛି ମୋକ୍ଷ ।

ସାଂଖ୍ୟ ଅନୁସାରେ- ମୁକ୍ତିର ଦୁଇଟି ଭେଦ ଅଛି– ପ୍ରଥମଟି ହେଉଛି ଜୀବନ ମୁକ୍ତି, ଏଥିରେ ମୁଁ ସ୍ୱଭାବତଃ ନିଷ୍କ୍ରିୟ, ଅକର୍ତ୍ତା, ସେବା ରହିତ ବୋଲି ପୁରୁଷକୁ ଜ୍ଞାନ ହୋଇଯାଏ । ବିଦେହ ମୁକ୍ତିରେ ଯେତେବେଳେ ଭୋଗ ଦ୍ୱାରା ପ୍ରାରବ୍ଧ କର୍ମ ମଧ ସମାପ୍ତ ହୋଇଯାଏ, ସେତେବେଳେ ପୁରୁଷ ଏହି ଶରୀରକୁ ଛାଡିଦିଏ ଏବଂ ନିତ୍ୟ ତଥା ପୂର୍ଣ୍ଣ କୈବଲ୍ୟକୁ ପ୍ରାପ୍ତ କରିନିଏ ।

ପତଂଜଳି ନିଜର ଯୋଗସୂତ୍ରରେ ମୁକ୍ତିର ପରିଭାଷା ଦେଇ କହିଛନ୍ତି– ବୁଦ୍ଧି ସତ୍ତ୍ୱ ତଥା ପୁରୁଷର ଯେଉଁ ଶୁଦ୍ଧି ଓ ସାଦୃଶ୍ୟ ଅଛି, ତାହା ହିଁ କୈବଲ୍ୟ । ମୀମାଂସକ ଅନୁସାରେ- ଆତ୍ମାର ପ୍ରପଞ୍ଚ ସମ୍ବନ୍ଧର ବିଲୟର ନାମ ହିଁ ମୋକ୍ଷ । ଅଦ୍ୱୈତ ବେଦାନ୍ତର ଆଚାର୍ଯ୍ୟ ଶଙ୍କରଙ୍କ ଅନୁସାରେ-ଏହା ପରମାର୍ଥ, କୂଟସ୍ଥ ନିତ୍ୟ, ଆକାଶ ସମାନ ସର୍ବବ୍ୟାପୀ, ସମସ୍ତ ବିକାରରୁ ଶୂନ୍ୟ, ନିତ୍ୟ ତୃପ୍ତ, ଅବୟବ ରହିତ, ସ୍ୱଭାବରେ ସ୍ୱୟଂ ପ୍ରକାଶିତ ।

ଏହା ଏପରି ସ୍ଥିତି, ଯେଉଁଠିକୁ ପାପ ଓ ପୁଣ୍ୟ ନିଜର ଫଳ ସହିତ ତ୍ରିକାଳରେ ପହଞ୍ଚିପାରେ ନାହିଁ । ଆଚାର୍ଯ୍ୟ ରାମାନୁଜଙ୍କ ଅନୁସାରେ – ମୋକ୍ଷ ଦ୍ୱାର ବୈୟକ୍ତିକ ଦୃଷ୍ଟିକୋଣରୁ ମୁକ୍ତି ତଥା ଦିବ୍ୟଦୃଷ୍ଟି ଓ ଦିବ୍ୟ ଆନନ୍ଦର ପ୍ରାପ୍ତି ହୋଇଥାଏ ।

ସେହି ସ୍ଥିତିରେ ଜୀବ ସ୍ୱୟଂ ନୁହେଁ, ବରଂ କେବଳ ତା'ର ପୃଥକତ୍ୱ ଭାବ ହିଁ ସମାପ୍ତ ହୋଇଯାଏ । ଆଚାର୍ଯ୍ୟ ନିମ୍ବାର୍କଙ୍କ ଭେଦାଭେଦ ବେଦାନ୍ତ ଅନୁସାରେ-ମୋକ୍ଷର ଅର୍ଥ କେବଳ ବୈୟକ୍ତିକତାର ସମାପ୍ତି ନୁହେଁ, ବରଂ ବୈକ୍ତିକତାର ସେହି ସୀମା ପର୍ଯ୍ୟନ୍ତ ବିସ୍ତାର ହୋଇଥାଏ, ଯେଉଁଠି ମୋର-ତୋରର ଭାବନା ସମାପ୍ତ ହୋଇଯାଏ ।

ମଧ୍ୱାଚାର୍ଯ୍ୟଙ୍କ ଅନୁସାରେ – ମୁକ୍ତ, ପୂର୍ଣ୍ଣ ଆତ୍ମାଭିବ୍ୟକ୍ତି, ଆତ୍ମପ୍ରକାଶନ ଓ ଆତ୍ମସାକ୍ଷାତ୍‌କାର, ସଂକ୍ଷେପରେ କହିଲେ ଆତ୍ମାର ସମସ୍ତ କ୍ଷମତା ଓ ଶକ୍ତିର ପ୍ରକଟୀକରଣ ହୋଇଥାଏ । ଭାଗବାନ ବୁଦ୍ଧଙ୍କ ଅନୁସାରେ- ନିର୍ବାଣ ହେଉଛି ମୋକ୍ଷ ଉଚ୍ଛେଦ, ପରନ୍ତୁ ଏହି ଉଚ୍ଛେଦ ସାଧକର ନୁହେଁ, ବରଂ ଲାଳସା, ତୃଷ୍ଣା ଓ ଜିଜୀବିଷାର ତଥା ତିନି ଜଡ (ରାଗ, ଜୀବନଧାରଣର ଇଚ୍ଛା ଓ ଅଜ୍ଞାନ)ର ହୋଇଥାଏ ।

ଜୈନ ଦର୍ଶନ ଅନୁସାର- ପ୍ରଥମରୁ ସମ୍ବଦ୍ଧ କର୍ମଗୁଡିକରୁ ଜୀବନକୁ ଛଡାଇବା ହିଁ ନିର୍ବାଣ ବୋଲାଇଥାଏ । ସମ୍ୟକ୍ ଦର୍ଶନ, ସମ୍ୟକ୍ ଜ୍ଞାନ ଓ ସମ୍ୟକ୍ ଚରିତ୍ର ଏହି ତିନିଟି ହିଁ ମୋକ୍ଷର ସାଧନ ।

ଆଧୁନିକ ଆଧାତ୍ମିକ ଚିନ୍ତକମାନଙ୍କ ମଧରେ ସ୍ୱାମୀ ବିବେକାନନ୍ଦଙ୍କ ଅନୁସାରେ- ଆତ୍ମା ଓ ବ୍ରହ୍ମଙ୍କର ତାଦାତ୍ମ୍ୟର ଅବସ୍ଥା ହିଁ ମୋକ୍ଷ । ମହାତ୍ମା ଗାନ୍ଧିଙ୍କ ଅନୁସାରେ- ଏହି ବ୍ୟକ୍ତିଗତ ଅହଂକୁ ସାମାଜିକ ଅହଂରେ ମିଶାଇ ଦେବାକୁ ମୋକ୍ଷ କହନ୍ତି । ସ୍ୱାମୀ ରାମତୀର୍ଥ ଆତ୍ମା ଓ ବ୍ରହ୍ମଙ୍କୁ ଏକ ବୋଲି ମାନୁଥିଲେ ଏବଂ କହୁଥିଲେ ଯେ ଆତ୍ମଜ୍ଞାନ ହିଁ ମୋକ୍ଷ ।

ମହର୍ଷି ରମଣଙ୍କ ଶବ୍ଦରେ-'ଅହଂବ୍ରହ୍ମାସ୍ମି'ର ପ୍ରତୀତି ହେବାକୁ ମୁକ୍ତି କୁହାଯାଏ । ଶ୍ରୀ ଅରବିନ୍ଦ ମୋକ୍ଷକୁ ଏପରି ସ୍ୱତନ୍ତ୍ରତା ମାନିଛନ୍ତି, ଯାହା ନିଜର ସ୍ୱାମିତ୍ୱକୁ ପାଇଥାଏ ।

ଏପରି ବ୍ୟାପକତା, ଯେଉଁଥିରେ ଉପରୋକ୍ତ ସମସ୍ତ ନିଷ୍କର୍ଷକୁ ନିଜ ନିଜର ସ୍ଥାନ ସ୍ୱଭାବତଃ ମିଳିଯାଏ । ତାଙ୍କ ଶବ୍ଦରେ- ନିଜର ଅସଂଯମ, ଅସନ୍ତୋଷ, ଅନାଚରଣରୁ ଯଦି ମୁକ୍ତି ମିଳିଯାଏ ତେବେ ବୁଝିବା ଉଚିତ ଯେ ଅବାଞ୍ଛନୀୟତାରୁ ମୁକ୍ତି ମିଳିଗଲା । ଦେବତ୍ୱର ଉତ୍କୃଷ୍ଟତା, ଆଦର୍ଶବାଦିତା ବ୍ୟକ୍ତିତ୍ୱରେ ସମାବିଷ୍ଟ ହୋଇଯିବାକୁ ମୁକ୍ତି ବୁଝାଯାଇପାରେ ।

ମୁକ୍ତିର ଶବ୍ଦାର୍ଥ ହେଉଛି ବନ୍ଧନମୁକ୍ତ ହେବା । ବନ୍ଧନ ହେଉଛି ତିନିଟି– ଲୋଭ, ମୋହ, ଅହଂକାର । ଏଗୁଡିକୁ ବାସନା, ତୃଷ୍ଣା, ସଂକୀର୍ଣ୍ଣ ଅହଂକାର ମଧ କହନ୍ତି । ଏହା ହିଁ ବାସ୍ତବିକ ବନ୍ଧନ । ଏହି ଲିପ୍‌ସା-ଲାଳସାଗୁଡିକରୁ ଯିଏ ସ୍ୱୟଂକୁ ମୁକ୍ତ କରିନିଏ, ସମାଜର ଏକ ବିନମ୍ର ଘଟକ ହୋଇ ସେବା-ସାଧନାରେ ସଂଲଗ୍ନ ରହେ, ସେ ଜୀବିତ ଥାଇ ମଧ ମୁକ୍ତି ପ୍ରାପ୍ତ କରି ନେଇଛି ବୋଲି ଜାଣିବା ଦରକାର । ଜୀବନମୁକ୍ତ ହେବାର ତାତ୍ପର୍ଯ୍ୟ ବନ୍ଧନମୁକ୍ତ ହେବା । ଏହି ବନ୍ଧନଗୁଡିକର କାରଣ ହେଲା ଅଜ୍ଞାନତା । ଆନ୍ତରିକ ଅଜ୍ଞାନତା କାରଣରୁ ବ୍ୟକ୍ତି ନିଜର କାମନା, ବାସନାଗୁଡିକର ତୋଫାନରେ ପତ୍ର ପରି ଉଡୁଥିବାକୁ ହିଁ ସ୍ୱତନ୍ତ୍ରତା ମାନି ଥାଏ । ମୋହ, ମାୟା, ତୃଷ୍ଣା, ଅହଂକାର, ବାସନା, କାମନାର ଆକର୍ଷକ ମାଦକ ମଦିରା ଅନ୍ତଃଚେତନାକୁ ସର୍ବଦା ଲୋଭାଇଥାଏ । ଶରୀର ଓ ମନକୁ ରୁଚିକର ଲାଗୁଥିବା ଏହି ମଦିରା ଓ ମାଦକତା ଗୁଡିକର ତ୍ୟାଗ ହିଁ ମୁକ୍ତି ।

ଆଧାତ୍ମ କ୍ଷେତ୍ରରେ ଭବବନ୍ଧନ, ମାୟାପାଶ ଆଦି ନାମରେ ଯେଉଁ ତମିସ୍ରାର ହେୟ ବର୍ଣ୍ଣନ ମିଳେ, ତାହା ଆଉ କିଛି ନୁହେଁ, ବିଳାସ ଓ ସ୍ୱାମିତ୍ୱର ତୃଷ୍ଣା ମାତ୍ର । ଏହି ଭାରରୁ ହାଲୁକା ହେବା କ୍ଷଣି ଆତ୍ମା ବିଶ୍ୱ ଆକାଶରେ ସ୍ୱଚ୍ଛନ୍ଦ ପକ୍ଷୀ ପରି ବିଚରଣର ଆନନ୍ଦ ନେବାରେ ଲାଗେ । ଏହାକୁ ଜୀବନମୁକ୍ତି କୁହାଯାଏ । ଏହିପରି ମୁକ୍ତିର ବାସ୍ତବିକ ସମ୍ବନ୍ଧ ଅନ୍ତଶ୍ଚେତନା ସହିତ ରହିଛି । ଆତ୍ମଚେତନାରେ ହିଁ ଆତ୍ମ ସ୍ୱତନ୍ତ୍ରତା ନିହିତ ।

ଆତ୍ମଚେତନା ବିନା ବାହ୍ୟ ସ୍ୱତନ୍ତ୍ରତା ପ୍ରାୟ ଅନେକ ସମୟରେ ପରତନ୍ତ୍ରଗୁଡିକର ହିଁ ଛଦ୍ମରୂପ ଧାରଣ କରିଥାଏ । ମୁକ୍ତିର ଏକମାତ୍ର ଉପାୟ ହେଲା- ଆମେ ଆତ୍ମସତ୍ତାର ସତ୍ୟତାକୁ ସ୍ୱୀକାର କରିବା, ତାହାକୁ ଯଥାର୍ଥ ରୂପେ ଜାଣିବା, ସେଥି ପ୍ରତି ଅଜ୍ଞାନର ଭାବ ପୋଷଣ କରିବା ନାହିଁ ।

ଜୀବନର ପ୍ରତ୍ୟେକ କ୍ରିୟାକଳାପ ସେହି କେନ୍ଦ୍ରୀୟ ପ୍ରକାଶ ଦ୍ୱାରା ନିର୍ଦ୍ଦେଶିତ - ନିୟନ୍ତ୍ରିତ ହେଉ, ବାସନାଗୁଡିକର ତୋଫାନୀ ଆବେଗ ଦ୍ୱାରା ନୁହେଁ । ତେବେ ଯାଇ ଆମେ ସର୍ବୋଚ୍ଚ ପୁରୁଷାର୍ଥ ମୁକ୍ତିର ଅଧିକାରୀ ହେବା ଏବଂ ଏହା କୌଣସି ଚମତ୍କାର ବା ରହସ୍ୟ ନୁହେଁ ।

ଏହା ତ ଜଗତ୍ ଓ ଆତ୍ମା ଉଭୟର ବାସ୍ତବିକ ତତ୍ତ୍ୱ ଜାଣିବା ତଥା ଏହି ବୋଧକୁ ବ୍ୟକ୍ତିଗତ ଚେତନାର ସହଜ ସ୍ଥିତି ବନାଇବାର ସାଧନ । ବାହ୍ୟ ସ୍ୱତନ୍ତ୍ରତାଗୁଡିକ ଆନ୍ତରିକ ମୁକ୍ତି ସହିତ ଗୁନ୍ଥି ହୋଇ ରହିଥାଏ । ଯେଉଁ ସୀମା ପର୍ଯ୍ୟନ୍ତ ଆନ୍ତରିକ ମୁକ୍ତି ହେବ, ସେହି ସୀମା ପର୍ଯ୍ୟନ୍ତ ବାହ୍ୟ ସ୍ୱତନ୍ତ୍ରତା ବି ରହିବ । ଏହା ହିଁ ମୋକ୍ଷ ।

## ଟିକିଏ ହସନ୍ତୁ

ଶିକ୍ଷକ ଚିଣ୍ଟୁକୁ: ଏତେ ଡେରିରେ ସ୍କୁଲ ଆସିବାର କାରଣ କ'ଣ ?
ଚିଣ୍ଟୁ: ବାପା ମା' ଝଗଡ଼ା ଲାଗିଥିଲେ ।
ଶିକ୍ଷକ : ସେମାନେ ତ ଝଗଡ଼ା କରୁଥିଲେ ତୁ କାହିଁକି ଡେରିରେ ଆସିଲୁ ?
ଚିଣ୍ଟୁ: ମୋ ଜୋତାର ଗୋଟେ ପଟ ବାପାଙ୍କ ହାତରେ ଆଉ ଅନ୍ୟଟି ମାମାଙ୍କ ହାତରେ ଥିଲା ।

× × × ×

ଦୋକାନୀ ରାହୁଲକୁ: ଆଜ୍ଞା କ'ଣ ଦେବି ?
ରାହୁଲ : ମୋ' ଭାବି ପତ୍ନୀଙ୍କ କୁକୁର ପାଇଁ ବିସ୍କୁଟ୍ ଦରକାର ।
ଦୋକାନୀ: ଆଚ୍ଛା ! ତେବେ ଏଇଠି ଖାଇବେ ନା ପ୍ୟାକ୍ କରିଦେବି ?

× × × ×

ଇଂରାଜୀ କ୍ଲାସ୍‌ରେ ସୋନୁ ଲେଟ୍‌ରେ ପହଞ୍ଚିବାରୁ ଶିକ୍ଷକ : ହ୍ୱାଏ ଆର୍ ୟୁ ସୋ ଲେଟ୍ ?
ସୋନୁ: କଥା କ'ଣ କି ସାର୍..
ଶିକ୍ଷକ : ଟେଲ୍ ମି ଇନ୍ ଇଂଲିଶ୍....
ସୋନୁ: ସାର୍, ପାଁ ପାପାସ୍ ବାଇକ୍ ୱାଜ୍ ଫଶିଂ ଇନ୍ କାଦୁଅ । ନୋ ହିଲିଂ,
ନୋ ଡୁଲିଂ.. ଓନ୍‌ଲି ଭୁମ୍...
ଭୁମ୍...କରିଙ୍ଗ୍



× × × ×

ସୁକାନ୍ତ ଗୋପାଳକୁ: ତୁ କେମିତି ଝିଅକୁ ବାହା ହେବୁ ?
ଗୋପାଳ : ମୁଁ ଏମିତି ଝିଅକୁ ବାହା ହେବି ଯିଏ ପରିଶ୍ରମୀ, ସରଳ ହେବା ସହ ଘରକୁ ସଜାଡିକି ରଖି ପାରୁଥିବ ଓ ଆଜ୍ଞାକାରୀ ହୋଇଥିବ ।
ସୁକାନ୍ତ : ତୁ ତା'ହେଲେ ମୋ ଘରକୁ ଆସ ।
ଗୋପାଳ : କାହିଁକି ? ତୋ ସମ୍ପର୍କୀୟଙ୍କ ଭିତରେ ଏମିତି କେହି ଝିଅ ଅଛି କି ?
ସୁକାନ୍ତ : ନା । ଏସବୁ କ୍ୱାଲିଟି ମୋ ଚାକରାଣୀର ଅଛି ।

× × × ×

ଶିକ୍ଷକ ଚିଣ୍ଟୁ ଘରକୁ ଆସି: ତୁ ଏତେଦିନ ହେବ ସ୍କୁଲ କାହିଁକି ଆସୁନୁ ?
ଚିଣ୍ଟୁ: ଜେଜେ ବାପା ଚାଲିଗଲେ ତ ସେଥିପାଇଁ ।
ଶିକ୍ଷକ : କେମିତି ମଲେ ?
ଚିଣ୍ଟୁ: ସେ ଯୋଗ କରୁଥିଲେ ।
ଶିକ୍ଷକ : ଯୋଗ କରି କିଏ କ'ଣ ମରେ ?
ଚିଣ୍ଟୁ: ସେଦିନ ଜେଜେ ବାପା ଟିଭି ଦେଖି ଦେଖି ଯୋଗ କରୁଥାନ୍ତି । ଟିଭିରେ ଥିବା ଲୋକ କହିଲେ ଶ୍ୱାସ ଭିତରକୁ ନିଅନ୍ତୁ । ମୁଁ କହିଲି ଶ୍ୱାସ ଛାଡିବେ । ଜେଜେ ବାପା ଶ୍ୱାସ ଭିତରକୁ ନେଇଛନ୍ତି । କରେଣ୍ଟ ଚାଲିଗଲା, ୩ ଘଣ୍ଟା ପରେ ଆସିଲାବେଳକୁ ଜେଜେବାପା ଚାଲିଗଲେ ।

× × × ×

ପ୍ରେମିକା: ଜାଣିଛ ଜାନୁ କାଲି ମୋର ବାର୍ଥଡେ' ।
ପ୍ରେମିକ : ସତ !
ପ୍ରେମିକା: ହଁ । ମତେ କ'ଣ ଗିଫ୍ଟ ଦେବ ?
ପ୍ରେମିକ : ତମେ ଯାହା ଚାହିଁବ ।
ପ୍ରେମିକା: ମତେ ଗୋଟେ ରିଙ୍ଗ୍ ଦେବ ।
ପ୍ରେମିକ : ହଉ ଠିକ୍ ଅଛି ମୁଁ ରିଙ୍ଗ୍ ଦେବି । ହେଲେ ତମେ ଉଠେଇବନି । ମୋର ବାଲାନ୍ସ କମ୍ ଅଛି ।

# ଗୁଜୁରାତିର ଉପକାରିତା

ଗୁଜୁରାତି ଆମର ହାଣ୍ଡିଶାଳରେ ଏହାର ଭାରି କାଟ୍‌ତି । ଅନ୍ୟାନ୍ୟ ମସଲା ଭିତରେ ବି ଏହାର ଖୋଜାପଡ଼େ । ଖାଦ୍ୟପଦାର୍ଥକୁ ଏହା ସୁବାସିତ ଆଉ ସ୍ୱାଦିଷ୍ଟ କରେ । ଅଳେଇଚ ଏବଂ ଗୁଜୁରାତି ଉଭୟରେ ଆଇରନ୍, ରିବୋଫ୍ଲେବିନ୍, ଭିଟାମିନ୍-ସି ଏବଂ ନିୟାସିନ୍ ପରି ଶରୀର ପାଇଁ ଆବଶ୍ୟକ ତତ୍ତ୍ୱ ଭରି ରହିଛି । ରକ୍ତହୀନତା ଭୋଗୁଥିବା ରୋଗୀ ପାଇଁ ଏହା ବେଶ୍ ଉପଯୋଗୀ । ତେବେ ଏହାର କଞ୍ଚା ଏବଂ ନରମଫଳ ଅନେକ ରୋଗର ଉପଶମ ପାଇଁ ଉପଯୋଗୀ ହୋଇଥାଏ ।

ହଜମଶକ୍ତି ଦୁର୍ବଳ ଥିଲେ ଏହାକୁ ଆପଣ ବ୍ୟବହାର କରିପାରିବେ । ଏହା ପାଚନତନ୍ତ୍ରକୁ ସୁସ୍ଥ ରଖେ । ଏହା ଆରୋଗ୍ୟ କରିଥାଏ । ସୁଗନ୍ଧିଚିକିତ୍ସା ପାଇଁ ବ୍ୟବହୃତ ତୈଳ ମଧ୍ୟ ଏଥିରୁ ପ୍ରସ୍ତୁତ ହୋଇଥାଏ ।

ଗଳା ଖିଚ୍‌ଖିଚ୍ ହୋଇ କଷ୍ଟ



ହେଉଥିଲେ ସକାଳୁ ଉଠିବା ପରେ ଏବଂ ରାତିରେ ଶୋଇବାକୁ ଯିବା ପୂର୍ବରୁ ଗୁଜୁରାତିକୁ ଚୋବାଇ ଖାଆନ୍ତୁ । ଏଥି ସହିତ ଉଷୁମ ପାଣି ପିଅନ୍ତୁ । ଏଥିରେ ଗଳାକୁ ତୁରନ୍ତ ଆରାମ ମିଳିଥାଏ ।

ଏହା ଏକ ପଟାସିୟମ୍‌ଯୁକ୍ତ ମସଲା । ଏହା ରକ୍ତଚାପକୁ ନିୟନ୍ତ୍ରିତ କରିଥାଏ ।

ଅଳେଇଚ ଏବଂ ଗୁଜୁରାତିରେ ହାକୁଟିକୁ ନିୟନ୍ତ୍ରିତ କରିବାର ତତ୍ତ୍ୱ ରହିଛି ।

ଆମେ ଶରୀରର ବାହାରକୁ ଯେପରି ସଫା ରଖୁ, ଆମର ଭିତରକୁ ମଧ୍ୟ ସେପରି ସଫା ରଖିବା ଦରକାର । ଶରୀର ଭିତରକୁ ବିଷାକ୍ତମୁକ୍ତ ରଖିବା ପାଇଁ ଏହା କାର୍ଯ୍ୟ କରିଥାଏ । ଏହାକୁ ଖାଇବା ଦ୍ୱାରା କିଡ୍‌ନିରୁ ବିଷାକ୍ତ ତଥା ଅନାବଶ୍ୟକ ପଦାର୍ଥ ବାହାରି ଯାଇଥାଏ ।

ବାନ୍ତି ହେଉଥିଲେ ଏହାକୁ ବ୍ୟବହାର କରିପାରିବେ । ଏହାର ଚୂର୍ଣ୍ଣକୁ ଏକ ମାସ ପର୍ଯ୍ୟନ୍ତ କିମ୍ବା ଏହାର ତେଲରୁ ପାଞ୍ଚ ବୁନ୍ଦା ଡାଳିମ୍ବ ରସରେ ପକାଇ ପିଇବା ଦ୍ୱାରା ମୁଣ୍ଡ ବୁଲାଇବା ଏବଂ ବାନ୍ତି ପରି ସମସ୍ୟାରୁ ରକ୍ଷା କରିଥାଏ । ଏହା ହଇଜାରୁ ମଧ୍ୟ ରକ୍ଷା କରେ ।

ପାଞ୍ଚ ତୋଳା ଗୁଜୁରାତିର ମଞ୍ଜି ସହ ବାଦାମ ଏବଂ ପିସ୍ତାକୁ ବଟୁରାଇ ଦିଅନ୍ତୁ । ଏହାକୁ ବାଟି କ୍ଷୀରରେ ପକାଇ ଘାଣ୍ଟି ଦିଅନ୍ତୁ । ଏହା ଗାଢ଼ ହୋଇଗଲେ ସେଥିରେ କିଛି ମିଶ୍ରି ମିଶାଇ ଗ୍ୟାସ୍‌କୁ ସିମ୍ କରି ସେଥିରେ ବସାଇ ଦିଅନ୍ତୁ । ଏହା ହାଲୱା ପରି ହୋଇଗଲେ ତାକୁ ଓହ୍ଲାଇ ଖାଆନ୍ତୁ ଏବଂ ଖୁଆନ୍ତୁ । ଏହାକୁ ଖାଇଲେ ଦୃଷ୍ଟିଶକ୍ତିର ସମସ୍ୟା ହ୍ରାସ ପାଏ ଏବଂ ସ୍ମରଣଶକ୍ତି ବୃଦ୍ଧି ପାଇଥାଏ ।

# ନିଦ୍ରାହୀନତାରୁ ହୃଦଘାତ ଆଶଙ୍କା

ନିଦ୍ରାହୀନତାର ଶିକାର ଲୋକଙ୍କ ଠାରେ ହୃଦ୍‌ଘାତ ଆଶଙ୍କା ବୃଦ୍ଧି ପାଇଥାଏ ବୋଲି ଏକ ନୂତନ ଅଧ୍ୟୟନରେ ସତର୍କ କରି ଦିଆଯାଇଛି । ଏ ସମ୍ପର୍କରେ ଚାଇନା ମେଡିକାଲ ୟୁନିଭର୍ସିଟିର ଗବେଷକ କ୍ୱିଓ କହନ୍ତି, 'ଶରୀର ପାଇଁ ନିଦ୍ରା ହେଉଛି ଖୁବ୍ ଗୁରୁତ୍ୱପୂର୍ଣ୍ଣ ।



ଆମ ଜୀବନକାଳର ଏକ ତୃତୀୟାଂଶ ସମୟ କେବଳ ଶୋଇବାରେ ହିଁ ବିତିଯାଏ । କିନ୍ତୁ ଆଧୁନିକ ସମାଜରେ ଅଧିକରୁ ଅଧିକ ଲୋକ ନିଦ୍ରାହୀନତାର ଶିକାର ହେଉଥିବା ଅଭିଯୋଗ କରନ୍ତି । ନିଦ୍ରାହୀନତା ସହ ହୃଦରୋଗ ବା ହୃଦଘାତ ଭଳି ସମସ୍ୟା ଜଡ଼ିତ । ଯେଉଁମାନେ ନିଦ୍ରାହୀନତାର ଶିକାର ହୋଇଥାଆନ୍ତି ସେମାନଙ୍କୁ ଶେଯରେ ଗଡ଼ିପଡ଼ିଲେ ମଧ୍ୟ ନିଦ ନ ଲାଗିବା, ଅଧିକ ସମୟ ନିଦ ଜାରି ନ ରହିବା, ବେଳାବେଳି ଉଠି ପଡ଼ିବା ଆଦି ଲକ୍ଷଣମାନ ପ୍ରକାଶ ପାଇଥାଏ । ଗବେଷକମାନେ ସମୁଦାୟ ୧,୬୦,୮୬୬ ଅଂଶ ଗ୍ରହଣକାରୀଙ୍କୁ ନେଇ ୧୫ଟି ଅଧ୍ୟୟନ ବିଶ୍ଳେଷଣ କରିଥିଲେ । ଏଥିରୁ ଜାଣିବାକୁ ମିଳିଲା ଯେ, ବିଳମ୍ବରେ ନିଦ ଲାଗିବା, ଅଧିକ ସମୟ ପର୍ଯ୍ୟନ୍ତ ନିଦ ଜାରି ନ ରହିବା ଏବଂ ଖୁବ୍ ଶୀଘ୍ର ନିଦ ଭାଙ୍ଗିଯିବା ଆଦି କାରଣ ପାଇଁ ହୃଦରୋଗ ଆଶଙ୍କା ବୃଦ୍ଧି ପାଇଥାଏ । ବଡ଼ି ଭୋରରୁ ଉଠିବା ସହିତ ଶରୀରରେ ପ୍ରତିକୂଳ ପ୍ରଭାବର କୌଣସି ସମ୍ପର୍କ ନାହିଁ । ତେବେ ଗବେଷକମାନେ ଦେଖିବାକୁ ପାଇଲେ ଯେ, ବିଳମ୍ବରେ ନିଦ ଲାଗିବା, ଅଧିକ ସମୟ ନିଦ ଲାଗି ନ ରହିବା ଏବଂ ହଠାତ୍ ନିଦରୁ ଉଠି ପଡ଼ିବା ଆଦି ଲକ୍ଷଣ ଯୋଗୁଁ ହୃଦରୋଗ ଆଶଙ୍କା ଯଥାକ୍ରମେ ୨୭, ୧୧ ଓ ୧୮ ପ୍ରତିଶତ ବୃଦ୍ଧି ପାଇଥାଏ । ତେବେ ନିଦ୍ରାହୀନତାର ଶିକାର ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ଠାରେ ହୃଦ୍‌ରୋଗ ଓ ହୃଦଘାତ ଆଶଙ୍କା ଅଧିକ ବୋଲି ଗବେଷକମାନେ କହିଛନ୍ତି ।

# ଅର୍ଶ ରୋଗ ପାଇଁ ମୂଳା

ଯେଉଁମାନେ ଅର୍ଶ ହେଉ ପଛେ ମୂଳା ରସ ୬୦ ମି.ଲି.କୁ ଛାଣି ସକାଳେ ସନ୍ଧ୍ୟାରେ ୨ ଥର ଜୁସ୍ ତିଆରି କରି ସଙ୍ଗେ ସଙ୍ଗେ ପିଇବ ଏବଂ ମୂଳାକୁ ଶୁଖାଇ କପଡ଼ାରେ ପୁଟୁଳି କରି ବାନ୍ଧି ଗରମ କରି ମଳଦ୍ୱାରରେ ସେକ



ଦିଅନ୍ତୁ । ଏହାଦ୍ୱାରା ପୀଡ଼ା ଶାନ୍ତ ହେବ । ରୋଗ ପୁରୁଣା ହୋଇଥିଲେ ଧୈର୍ଯ୍ୟର ସହ ଏ ପ୍ରୟୋଗ କିଛି ଦିନ କଲେ ଚିରଦିନ ପାଇଁ ଅର୍ଶ ଭଲ ହୋଇଯାଏ ।

# ଆମ୍ବ ଖାଇବାର ଲାଭ

ଆଣ୍ଟିଅକ୍ସିଡାଣ୍ଟ ଭରପୁର ଆମ୍ବ ଖାଇଲେ ତ୍ୱଚାରୁ ବୟସର ଛାପ କମିବା ସହ ମଧୁମେହ, କର୍କଟ ପରି ରୋଗ ହେବାର ଆଶଙ୍କା କମ୍ ହୋଇଥାଏ । ଭିଟାମିନ୍ ଏ ମହଜୁଦ୍ ଥିବା ଏଇ ଆମ୍ବ ଖାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢୁଥିବାର ବିଶେଷଜ୍ଞ ପ୍ରକାଶ କରିଛନ୍ତି । ମ୍ୟାଗ୍ନେସିୟମ, ପୋଟାସିୟମ ଓ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଥିବା ଏଇ ଆମ୍ବ



ଫଳ ଖାଇଲେ ହୃଦଯନ୍ତ୍ର ସୁସ୍ଥ ରହୁଥିବାର ଜଣାପଡିଛି ।

ଆମ୍ବ ଖାଇଲେ ହଜମ ଶକ୍ତି ଭଲ ହେବା ସହ ଆଖିର ଜ୍ୟୋତି ବଢୁଥିବାର ପରୀକ୍ଷାରୁ ସ୍ପଷ୍ଟ ହୋଇଛି ।

ଭିଟାମିନ୍ ସି' ଭରପୂର ଆମ୍ବ, ନିୟମିତ ଖାଇବା ଦ୍ୱାରା ଓ କେଶ ଉପରେ ଉତ୍ତମ ପ୍ରଭାବ ପଡିଥାଏ ।

# ରୋଗ ଦୂର କରିବ ଅଁଳା

ଅଁଳା ଏକ ଭାଗ, ପିପ୍ପଳୀ ଏକ ଭାଗ ସୈନ୍ଧବ ଲୁଣ ଏକତ୍ର ଚୂର୍ଣ୍ଣ କରିବେ, ସେଥିରୁ ଅଳ୍ପ ନେଇ ଭୋଜନ ପରେ ଉଷୁମ ଜଳ ସହିତ ସେବନ କଲେ ବଦହଜମି, ଆମିଳା, ହାକୁଟି, ପେଟଫମ୍ପା ଭଲ ହୁଏ । ଏହାଦ୍ୱାରା ଖାଦ୍ୟ ପଦାର୍ଥ ମଧ୍ୟ ସହଜରେ ଜୀର୍ଣ୍ଣ ହୁଏ । ତୁଳସୀ ମଞ୍ଜୀ ଅଁଳା ବାଟି ପିଇଲେ ଦେହରେ ଫଳି ଯାଉଥିବା ଅଗିଆ ବାତ ଭଲ ହୋଇଥାଏ ।



ଅଁଳା ଚୂର୍ଣ୍ଣରୁ ଅଳ୍ପ ନେଇ କିଛି ମହୁ ମିଶାଇ ସକାଳ ଓ ସନ୍ଧ୍ୟାରେ ଖାଇଲେ ହୃଦରୋଗ ପାଇଁ ମହୌଷଧି ଭଳି କାମ କରିଥାଏ । ଅଁଳାରସ, ପୋସ୍ତବଟା ଏବଂ ଚିନି ମିଳେ । ସେବନ କଲେ ନାକଝାଡ଼ା, ପେଟବିନ୍ଧା ଭଲ ହୋଇଥାଏ ।

ଅଁଳାରସ ଏବଂ ଶତାବରୀ ରସ ଏକତ୍ର ମିଶାଇ ସକାଳେ ଖାଲି ପେଟରେ ସେବନ କଲେ ଭଲ ଫଳ ମିଳିଥାଏ । ୩ ଗ୍ରାମ ଅଁଳା ଚୂର୍ଣ୍ଣକୁ ମହୁ ସହିତ ମିଶାଇ ସକାଳେ ଓ ସନ୍ଧ୍ୟାରେ ଚାଟିଚାଟି ଖାଲି ପେଟରେ ଖାଇ ଅଳ୍ପ ପାଣି ପିଇବେ । ଖାଇବାର ଅଧଘଣ୍ଟା ପରେ ଏକ ଗ୍ଲାସ କ୍ଷୀର ପିଇବେ ।

ଅଁଳାରସ ୩୦ ରୁ ୪୦ ମିଲିଲିଟର ୧ ଚାମୁଚ ମହୁ ମିଶାଇ ଦିନକୁ ଦୁଇ ଥର ସେବନ କଲେ ଶ୍ୱେତପ୍ରଦର ରୋଗ ଭଲ ହୋଇଥାଏ ।

ଅଁଳା ଚୂର୍ଣ୍ଣ ସହିତ କିଛି ଗୁଡ଼ ମିଶାଇ ସକାଳେ ଓ ସନ୍ଧ୍ୟାରେ ପିଇଲେ ଅଣ୍ଟାବିନ୍ଧା ଭଲ ହୋଇଥାଏ ।

ଅଁଳା ଚୂର୍ଣ୍ଣ ଏକ ଚାମୁଚ ନିମପତ୍ର ଚୂର୍ଣ୍ଣ ଏକ ଚାମଚ ମିଶାଇ କିଛି ପାଣି ସହିତ ସକାଳେ ଓ ସନ୍ଧ୍ୟାରେ ଖାଲି ପେଟରେ ଖାଇଲେ ୩ ମାସରେ କୁଷ୍ଠରୋଗ ଭଲ ହୋଇଥାଏ ।

# ଆପଣ ଜାଣନ୍ତି କି ?

- ୨୮ ମେ' ୧୮୮୩ ମସିହାରେ ଭାରତୀୟ ନେତା ବିନାୟକ ଦାମୋଦର ସାବରକର ଜନ୍ମ ହୋଇଥିଲେ ।
- ୩୧ ମେ' ୧୫୭୭ ଦିନ ନୂରଜାହାନ ମୃତ୍ୟୁ ବରଣ କରିଥିଲେ । ନୂରଜାହାନ ହେଉଛନ୍ତି ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କର ପତ୍ନୀ ।
- ୧ ଜୁନ୍, ୧୯୯୬ରେ ନିଲମ୍ ସଞ୍ଜୀବ ରେଡ୍ଡୀଙ୍କର ଦେହାନ୍ତ ହୋଇଥିଲା । ସେ ଭାରତର ଷଷ୍ଠତମ ରାଷ୍ଟ୍ରପତି ଥିଲେ ।
- ୩ ଜୁନ୍, ୨୦୧୪ରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଗୋପୀନାଥ ମୁଣ୍ଡେ ନୂଆଦିଲ୍ଲୀ ଠାରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ।
- ୪ ଜୁନ୍ ୧୯୯୬ରେ ମାଳଦ୍ୱୀପ ପ୍ରଥମ ଥର ପାଇଁ ସମ୍ବିଧାନ ଦ୍ୱାରା ଗ୍ରହଣୀୟ ହୋଇଥିଲା ।
- ୫ଜୁନ୍ ୧୯୯୮ମସିହାରେ ମିସାଇଲ 'ତ୍ରିଶୂଳ'ର ପରୀକ୍ଷଣ ସଫଳ ହୋଇଥିଲା ।
- ୬ ଜୁନ୍ ୧୬୭୪ରେ ଏକ ଭବ୍ୟ ସମାରୋହରେ ମରାଠା ସାମ୍ରାଜ୍ୟର ପ୍ରତିଷ୍ଠାତା ଛତ୍ରପତି ଶିବାଜୀ ରାଜ ଭୌଁସଲେଙ୍କର ରାଜାଭିଷେକ ହୋଇଥିଲା ।
- ୭ ଜୁନ୍ ୧୯୭୫ରେ ପ୍ରଥମ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ଭାରତ ଓ ଇଂଲଣ୍ଡ ମଧ୍ୟରେ ଲର୍ଡସ୍ ଷ୍ଟାଡିୟମରେ ଖେଳାଯାଇଥିଲା । ଏହି ମ୍ୟାଚରେ ଭାରତ ହାରିଥିଲା । ସେହିପରି ୯ ଜୁନ୍ ୧୯୩୧ ରେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଲେଖିକା ନନ୍ଦିନୀ ଶତପଥୀଙ୍କର ଜନ୍ମ । ସେ ଓଡ଼ିଶାର ଲୌହମାନବୀ ରୂପେ ପରିଚିତ ।
- ୯ଜୁନ୍ ୨୦୧୧ରେ ଭାରତୀୟ ଚିତ୍ରକର ଏମ୍.ଏଫ୍ ହୁସେନଙ୍କର ଦେହାନ୍ତ ହୋଇଥିଲା ।

# କହିପାରିବେ କି ?

(୧) ଅମିତାଭ୍ ବଚ୍ଚନ ଓ ଋଷି କପୁର ଏକାଠି ଅଭିନୟ କରିଥିବା ପ୍ରଥମ ଚଳଚ୍ଚିତ୍ର ନାମ କ'ଣ ?
(୨) କେଉଁ ଟେଷ୍ଟ କ୍ରିକେଟର ଉଭୟ ଭାରତ ଓ ଇଂଲଣ୍ଡ ପାଇଁ ଖେଳିଛନ୍ତି ?
(୩) ଡେଭିସ୍ କପ୍‌ର ପ୍ରକୃତ ନାମ କ'ଣ ?
(୪) ପୃଥ୍ୱୀ ସଙ୍କ ପୂର୍ବରୁ କେଉଁ ଭାରତୀୟ ପ୍ରଥମ ଖେଳାଳୀ ଟେଷ୍ଟ ଡେବ୍ୟୁରେ ଶତକ କରିଥିଲେ ?
(୫) କେଉଁ କିମ୍ବଦନ୍ତୀ କ୍ରିକେଟର ଏବଂ ପୂର୍ବତନ ଶ୍ରୀଲଙ୍କା ଅଧିନାୟକଙ୍କ ଉପରେ ଆଇସିସି ଏଣ୍ଟି କରପସନ କୋର୍ଡ ଲାଗୁ କରିଥିଲା ?
(୬) ଭୁବନେଶ୍ୱରର କେଉଁ ମନ୍ଦିରରେ ନିର୍ଦ୍ଦିଷ୍ଟ କୌଣସି ଠାକୁର ପୂଜା ପାଆନ୍ତି ନାହିଁ ?
(୭) ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ କିଏ ?
(୮) ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ସ୍ଥାୟୀ ଚେୟାରମେନ୍ କିଏ ?
(୯) କାହା ପାଇଁ ସଲମନ୍ ଖାନ୍ ବଡ଼ି ଚଳଚ୍ଚିତ୍ର ନିର୍ମାଣ କରିଥିଲେ ?
(୧୦) ମଣି କର୍ଣ୍ଣିକା ଚଳଚ୍ଚିତ୍ରର ମୁଖ୍ୟ ନାୟିକା କିଏ ?

## JUMBLE WORDS

| | | | |
|---|---|---|---|
| 1) SVIAT | = | 6) EFCEOF | = |
| 2) SUWEIN | = | 7) RMIYLF | = |
| 3) RFETRE | = | 8) TOQAU | = |
| 4) TUMHO | = | 9) POGUR | = |
| 5) REYWA | = | 10) IQLDIU | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ସିନି ଆବ୍ରାହମ ୱିଲସନ, ୨.ଆଣ୍ଟେଲୋପେ, ୩.ଜୁଭେଣ୍ଟସ୍, ୪.ନାଇକ୍, ୫.ଚେସ୍, ୬.ଜରୋସ୍ଲେଭ ଡ୍ରୋବନି, ୭.ଉପକାର, ୮.କର୍ଣ୍ଣାଟକ, ୯.ହିମେଶ ରେଶମିଆ, ୧୦.ଅଜିମ୍ ପ୍ରେମଜି ।

***Jumble Words*** **ର ଉତ୍ତର :-**

(1) ADJUST (2) POUNCE (3) SOAPY (4) MESSY (5) SWIVEL (6) GERBIL (7) GAVEL (8) CREEK (9) GRITTY (10) AZALEA

# ବରଗଡ଼ ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କଲେ ବିଭିନ୍ନ ପ୍ରକଳ୍ପ





ବରଗଡ଼ : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲାରେ ୨୧୪୯ କୋଟି ଟଙ୍କା ମୂଲ୍ୟର ୬୨ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ଏଥି ସହିତ ୨୬୩ କୋଟି ୩୩ ଲକ୍ଷ ୧୮ ହଜାର ଟଙ୍କା ବ୍ୟୟରେ ୨୧ଟି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ଉଦ୍‌ଘାଟିତ ପ୍ରକଳ୍ପ ଗୁଡିକ ମଧ୍ୟରେ ୧୬୭୭ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟରେ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ, ୧୦୬ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ ୫ ମହଲା ବଶିଷ୍ଟ ୧୦୦ ଶଯ୍ୟା ବିଶିଷ୍ଟ କର୍କଟ ରୋଗ ଚିକିତ୍ସା କେନ୍ଦ୍ର, ଭକ୍ତ-ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ୨୨ କୋଟି ୭୮ ଲକ୍ଷ ଟଙ୍କା ବ୍ୟୟରେ ରୂପାନ୍ତରିତ ନୃସିଂହନାଥ ପୀଠ ପ୍ରମୁଖ ରହିଛି ।

ସୋହେଲା-ନୂଆପଡା ବିଜୁ ଏକ୍ସପ୍ରେସ ୱେ, ୩୧୭ଟି ହାଇସ୍କୁଲ ରୂପାନ୍ତରିତ କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇଛି । ଏଥି ସହିତ ୫୬ଟି କଲେଜକୁ ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥାରେ ରୂପାନ୍ତର କାର୍ଯ୍ୟ, ୫ଟି ସ୍ୱାସ୍ଥ୍ୟ ଅନୁଷ୍ଠାନକୁ 'ଆମ ହସ୍ପିଟାଲ'କୁ ରୂପାନ୍ତରଣ, ୧୮୫ଟି ବ୍ୟାଙ୍କ ନଥିବା ଗ୍ରାମପଞ୍ଚାୟତକୁ 'ଆମ ବ୍ୟାଙ୍କ' ସୁବିଧା, ଲକ୍ଷ୍ମୀ ଯୋଜନାରେ ୨୬୨ଟି ବସ୍ ଷ୍ଟପେଜ୍, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଅଧୀନରେ ୪୩୧ଟି କଲ୍ୟାଣ ମଣ୍ଡପ କମ୍ୟୁନିଟି ସେଣ୍ଟର ଓ ଧାର୍ମିକ ସ୍ଥଳୀର ଉନ୍ନତି କାର୍ଯ୍ୟ ଏବଂ ଆମ ଓଡିଶା ନବୀନ ଓଡିଶାରେ ୧୨୬ କୋଟି ୫୦ ଲକ୍ଷ ଟଙ୍କା ବିନିମୟରେ ୩୧୩୫ଟି ପ୍ରକଳ୍ପ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଓଡିଶାର ଗୌରବ ସ୍ୱଭାବ କବି ଗଙ୍ଗାଧର ମେହେର ଓ ମହାନ ସ୍ୱାଧୀନତା ସଂଗ୍ରାମୀ ମା' ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ଯେ ବରଗଡ କଳାର ଭୂମି ଓ ସଂସ୍କୃତିର ଭୂମି । ଏ ଅଞ୍ଚଳର ବୁଣାକାରମାନେ ବିଶ୍ୱରେ ଓଡ଼ିଶାର ପରିଚୟକୁ ଉଜ୍ୱଳ କରିଛନ୍ତି । ନିକଟରେ ବୁଣାକାର ଓ କଳାକାରମାନଙ୍କ ପେନସନ୍ ବୃଦ୍ଧି ସମ୍ପର୍କରେ ସୂଚନା ଦେଇଥିଲେ । ଏବେ ସାରା ରାଜ୍ୟରେ ରୂପାନ୍ତର ପର୍ବ ଚାଲିଛି ବୋଲି କହି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ, ମା' ସମଲେଇ ପ୍ରକଳ୍ପ ଭକ୍ତମାନଙ୍କ ପାଇଁ ସୁନ୍ଦର ଅନୁଭବ ଆଣିଛି ଏବଂ ଉଦ୍‌ଘାଟିତ ହୋଇଥିବା ରୂପାନ୍ତରିତ ପ୍ରସିଦ୍ଧ ନୃସିଂହନାଥ ପୀଠ ମଧ୍ୟ ଓଡିଶାର ଗୌରବକୁ ଆହୁରି ବୃଦ୍ଧି କରିବ ବୋଲି ସେ କହିଛନ୍ତି ।

ରାଜ୍ୟରେ ୫-ଟି ଉପକ୍ରମରେ ଚାଲିଥିବା ରୂପାନ୍ତର କାର୍ଯ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଏହି ରୂପାନ୍ତର କାର୍ଯ୍ୟକ୍ରମରେ ହାଇସ୍କୁଲ ରୂପାନ୍ତରଣ ସଫଳତା ଅର୍ଜନ କରିଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ୪ କୋଟି ଲୋକଙ୍କ ପାଇଁ ଆଶୀର୍ବାଦ ହୋଇଛି । ପରିବହନ ସେବାରେ ଲକ୍ଷ୍ମୀ ବସ୍ ଯୋଜନା ଗାଁରେ ଲୋକଙ୍କ ଜୀବନ ଧାରାକୁ ସହଜ କରିଛି । ବଡ ବଡ ଜଳସେଚନ ପ୍ରକଳ୍ପ ଠିକ୍ ସମୟରେ ଶେଷ ହେଉଛି । ଓଡିଶା ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାରା ଦେଶକୁ ଖାଦ୍ୟ ଯୋଗାଉଛି । ଏଥିରେ ବରଗଡ ଜିଲ୍ଲାର ଚାଷୀମାନଙ୍କର ବହୁତ ବଡ ଅବଦାନ ରହିଛି । କ୍ରୀଡା କ୍ଷେତ୍ରରେ ଓଡ଼ିଶାର ସୁନାମ ବଢ଼ିଛି । ସେଥିରେ ବ୍ୟାଡମିଣ୍ଟନ ତାରକା ପ୍ରମୋଦ ଭଗତଙ୍କର ବିଶେଷ ଅବଦାନ ରହିଛି ବୋଲି ସେ କହିଛନ୍ତି । କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ଯେତେବେଳେ ମୁଖ୍ୟମନ୍ତ୍ରୀ ଗଙ୍ଗାଧର ମେହେର ପ୍ରକଳ୍ପ ଘୋଷଣା କରିଥିଲେ । ସେତେବେଳେ ବହୁ ଲୋକ ଏହା ଉପରେ ସନ୍ଦେହ ସୃଷ୍ଟି କରିଥିଲେ । ହୀରାକୁଦ ବନ୍ଧରୁ ବିଜେପୁର ୩୫ ମିଟର ଉଚ୍ଚରେ ଅବସ୍ଥିତ । କିନ୍ତୁ ସବୁ ସନ୍ଦେହକୁ ଦୂର କରି ମୁଖ୍ୟମନ୍ତ୍ରୀ ଦୃଢ ଇଚ୍ଛାଶକ୍ତି ବଳରେ ଆଧୁନିକ ଟେକ୍ନୋଲୋଜି ପ୍ରୟୋଗରେ ଏହାକୁ ସଫଳ କରିଛନ୍ତି । ଆଜି ମହାନଦୀରୁ ପାଇପ ଯୋଗେ ହଜାର ହଜାର ଏକର ଜମିକୁ ପାଣି ମିଳିଲା । କାର୍ଯ୍ୟକ୍ରମରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ, ବିଧାୟକ ଦେବେଶ ଆଚାର୍ଯ୍ୟ, ବିଧାୟିକା ବର୍ଷା ସିଂ ବରିହା ପ୍ରମୁଖ ଯୋଗ ଦେଇଥିଲେ । ରାଜ୍ୟ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଓ ଜିଲ୍ଲା ପରିଷଦ ସଭାପତି ମାନିନୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ବଲପୁରରେ ପୁଲିସ କମିସନରେଟ୍ ୧୦ ବର୍ଷ ହେବ କାର୍ଯ୍ୟକାରୀ ହୋଇନାହିଁ

ସମ୍ବଲପୁର : ସମ୍ବଲପୁରରେ ପୋଲିସ କମିସନରେଟ୍‌ର ବ୍ୟବସ୍ଥା କରିବାକୁ ରାଜ୍ୟ ସରକାର ପ୍ରାୟ ୧୦ ବର୍ଷ ତଳେ ଘୋଷଣା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ ।

ଗତ ୨୦୧୪ ମସିହା ନିର୍ବାଚନ ପୂର୍ବରୁ ମାର୍ଚ୍ଚ ପହିଲାରେ ରାଜ୍ୟ ସରକାର ତରବରିଆ ଭାବେ ସମ୍ବଲପୁରରେ କମିସନରେଟ୍ ପୁଲିସ ବ୍ୟବସ୍ଥା ପାଇଁ କ୍ୟାବିନେଟ ନିଷ୍ପତି ନେଇଥିଲେ । ଏହି ଘୋଷଣା ନିର୍ବାଚନକୁ ଦୃଷ୍ଟିରେ ରଖି ହୋଇଥିବା ସେତେବେଳେ ଚର୍ଚ୍ଚା ଚାଲିଥିଲା । ତେବେ, ନିର୍ବାଚନ ପରେ ରାଜ୍ୟ ସରକାର ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରିବା ନେଇ ଲୋକଙ୍କ ମନରେ ଆଶା ବି ରହିଥିଲା । ତେବେ ସମ୍ବଲପୁରବାସୀଙ୍କ କମିସନରେଟ୍ ପୁଲିସର ସେବା ପାଇବାର ସ୍ୱପ୍ନ ସେହି ସ୍ୱପ୍ନରେ ହିଁ ରହିଯାଇଛି ।

ସେହି ସମୟରେ ମହାନଗର ନିଗମ ଘୋଷଣା ହୋଇଥିବା ସମ୍ବଲପୁର ପାଇଁ ପୁଲିସ୍ ପ୍ରଶାସନିକ ଦୃଷ୍ଟିକୋଣରୁ ଏକ ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି କରିବାରେ ଏହି ନିଷ୍ପତ୍ତି ସହାୟକ ହେବ ବୋଲି କୁହାଯାଇଥିଲା । ସମ୍ବଲପୁର, ହୀରାକୁଦ, ବୁର୍ଲା ସହର ସମେତ ମହାନଗର ଅଂଚଳରେ ସାମିଲ ହେବାକୁ ଥିବା ୧୨ଟି ପଞ୍ଚାୟତ ଏବଂ ଆଖପାଖ ଅଂଚଳରେ ଆଇନ ଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ ବ୍ୟବସ୍ଥାକୁ ପାରଦର୍ଶୀ କରିବା ଏବଂ ସାମାଜିକ ସଦ୍‌ଭାବ ବଜାୟ ରଖିବା କ୍ଷେତ୍ରରେ କମିସନରେଟ୍ ପୁଲିସ୍‌କୁ ଗୁରୁଦାୟିତ୍ୱ ଭୂମିକା ନିର୍ବାହ କରିବା ନେଇ ଆଶା କରାଯାଇଥିଲା । କମିସନର ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲେ ବର୍ତ୍ତମାନର ସାଧାରଣ ପୁଲିସ୍ ଢାଞ୍ଚାର ଆଖିଦୃଶିଆ ପରିବର୍ତ୍ତନ ହୋଇଥାନ୍ତା । ସମ୍ବଲପୁର ମହାନଗରର ଦୁର୍ବଳ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା, ସାଧାରଣ ଜୀବନଯାତ୍ରାରେ ବିଶୃଙ୍ଖଳା, ପୁଲିସ୍ ତଦନ୍ତ ପ୍ରକ୍ରିୟାରେ ସ୍ୱଚ୍ଛତାର ଅଭାବ ଆଦି ପୁଲିସ୍ ବିଭାଗର ପ୍ରମୁଖ ସମସ୍ୟା ଭାବେ ଦୂର ହୋଇପାରିଥାନ୍ତା । ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ଅପରାଧୀଙ୍କୁ ଧରିବା, ବୈଜ୍ଞାନିକ ପଦ୍ଧତିରେ ଉନ୍ନତ ସେବା ଯୋଗାଇବା ପାଇଁ କମିସନରେଟ୍ ପୁଲିସ୍ ବ୍ୟବସ୍ଥାରେ ସରକାର ଯେଉଁ ମାପଦଣ୍ଡ ନିର୍ଦ୍ଧାରଣ କରିଛନ୍ତି, ତାହା ଉପଲବ୍ଧ ହେଲେ ସମ୍ବଲପୁର ମହାନଗର ଅଂଚଳବାସୀ ପୁଲିସ୍ ସେବାର ସୁଫଳ ଅନୁଭବ କରିପାରନ୍ତେ ।

ଓଡ଼ିଶାରେ ପ୍ରଚଳିତ କମିସନରେଟ୍ ପୁଲିସ୍ ବ୍ୟବସ୍ଥାରେ ସର୍ବୋଚ୍ଚ ସ୍ତରରେ ଜଣେ ପୁଲିସ୍ କମିସନର ରହିଥାନ୍ତେ । ତାଙ୍କୁ ତଳକୁ ରହିବେ ଜଣେ ଅତିରିକ୍ତ ପୁଲିସ୍ କମିସନର ପୁଲିସ୍ ପ୍ରାଶାସନିକ ବ୍ୟବସ୍ଥାରେ ଅପରାଧ ଶାଖା/ ଆକାଉଣ୍ଟସ୍, ରିଜର୍ଭ, ଗୋଇନ୍ଦା/ ନିରାପତ୍ତା ଶଖା ଗୋଟିଏ ପଟେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଥିବା ବେଳେ ଅନ୍ୟ ପଟେ ଟ୍ରାଫିକ୍ ନିୟନ୍ତ୍ରଣ, ପୁଲିସ୍ ବ୍ୟବସ୍ଥା ପରିଚାଳନା ଓ ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ବ୍ୟବସ୍ଥା ରହିଛି । ଅତ୍ୟାଧୁନିକ ନିୟନ୍ତ୍ରଣ କକ୍ଷ ମଧ୍ୟ ଅପରାଧ ଦମନ ସହିତ ଲୋକଙ୍କୁ ଉପଯୁକ୍ତ ସମୟରେ ସେବା ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତା । ଗୋଟିଏ ପଟେ ସମ୍ବଲପୁର ଅପରାଧିକ ଗତିବିଧି ବଢ଼ି ବଢ଼ି ଚାଲିଛି । ବାହାର ରାଜ୍ୟର ଅପରାଧୀଙ୍କ ପାଇଁ ସମ୍ବଲପୁର ଏବେ ଚରାଭୂଇଁରେ ପରିଣତ ହୋଇଛି । ଅପରପକ୍ଷରେ କଟକ-ଭୁବନେଶ୍ୱରରେ ୨୦୦୮ ମସିହାରେ ପୁଲିସ କମିସନରେଟ୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିବା ବେଳେ ସମ୍ବଲପୁରବାସୀଙ୍କୁ ଆଉ କେତେ ବର୍ଷ ଅପେକ୍ଷା କରିବାକୁ ପଡ଼ିବ ବୋଲି ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଛି ।

# ଝାରସୁଗୁଡ଼ାରେ ନୂତନ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

ଝାରସୁଗୁଡ଼ା : ଝାରସୁଗୁଡ଼ାରେ ଅତିରିକ୍ତ ଜିଲ୍ଲାପାଳ ଭାବେ କିଶୋର ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଛନ୍ତି । ପୂର୍ବରୁ ଶ୍ରୀ ସ୍ୱାଇଁ ଝାରସୁଗୁଡ଼ା ଓ ବାଲେଶ୍ୱରରେ ଉପ ଜିଲ୍ଲାପାଳ ତଥା କୁଜଙ୍ଗ, କେନ୍ଦ୍ରାପଡ଼ା, ତିର୍ତ୍ତୋଲ, ଏରସମା ଓ ରଘୁନାଥପୁରରେ ବିଡିଓ ଏବଂ ତାଳଚେରରେ ତହସିଲଦାର ଓ ଅନୁଗୁଳରେ ଭୂ- ଅଧିଗ୍ରହଣ ଅଧିକାରୀ ଭାବରେ କାର୍ଯ୍ୟ କରିଛନ୍ତି । ସେହିପରି ସବ୍ୟସାଚୀ ପଣ୍ଡା ନୂତନ ଉପଜିଲ୍ଲାପାଳ ରୂପେ ଯୋଗ ଦେଇଛନ୍ତି । ପୂର୍ବରୁ ସେ ଓଡ଼ିଶା ରାଜ୍ୟ ସିଭିଲ ସପ୍ଲାୟ୍ କର୍ପୋରେସନରେ ଜିଏମ, ସିମୁଳିଆ ବିଡିଓ, ବରଗଡ଼ ତହସିଲଦାର ଓ ମୁମ୍ୱାଇରେ ଆସିଷ୍ଟାଣ୍ଟ ରେସିଡେଣ୍ଟ କମିଶନର ଭାବରେ କାର୍ଯ୍ୟ କରିଛନ୍ତି ।

# ସୁବର୍ଣ୍ଣପୁର ଜିଲ୍ଲାରେ ସ୍ଥାୟୀ ପଟ୍ଟା ପ୍ରଦାନ

ସୁବର୍ଣ୍ଣପୁର : ମୁଖ୍ୟମନ୍ତ୍ରୀ ଓଡିଶା ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ରାଜ୍ୟରେ ସିକିମ ସ୍ୱତ୍ୱ ଭାବେ ରେକର୍ଡ ହୋଇଥିବା ଜମିର ଦଖଲକାରୀଙ୍କୁ ସେହି ଜମି ଉପରେ ସ୍ଥିତିବାନ ସ୍ୱତ୍ୱର ପଟ୍ଟା ପ୍ରଦାନ ର ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ଓସ୍ୱାନ ହଲରେ ଆୟୋଜିତ ପଟ୍ଟା ପ୍ରଦାନ ସମାରୋହରେ ସୁବର୍ଣ୍ଣପୁର ଜିଲ୍ଲାର ୧୧ ଜଣ ସିକିମ ସ୍ୱତ୍ୱଧାରୀଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି । ଜିଲ୍ଲା ସ୍ତରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଧାୟକ ପଦ୍ମନାଭ ବେହେରା, ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାଶ, ପ୍ରମୁଖ ଉପସ୍ଥିତ ରହି ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ବୀରମହାରାଜପୁର ତହସିଲର ୫ ଜଣ, ସୋନପୁର ତହସିଲର ୩ ଜଣ ଓ ଉଲୁଣ୍ଡା ତହସିଲର ୩ ଜଣଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଉପଜିଲ୍ଲାପାଳ ସୋନପୁର ସୁରଜ କୁମାର ପଟ୍ଟନାୟକ, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି ସମେତ ଜିଲ୍ଲାର ସମସ୍ତ ତହସିଲଦାର ଓ ରାଜସ୍ୱ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

## ଭୀମ ଭୋଇ ଓ ଗଙ୍ଗାଧରଙ୍କ ଉପରେ ଡାକ ଟିକଟ ଉନ୍ମୋଚିତ



ବୁର୍ଲା : ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ସନ୍ଥକବି ଭୀମ ଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଉପରେ ୮ ଗୋଟି ଡାକ ଟିକେଟ ଉନ୍ମୋଚିତ ହୋଇଯାଇଛି । ଭୁବନେଶ୍ୱର ଓଡିଶା ସର୍କଲ ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ଶୁଭେନ୍ଦୁ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଶ୍ଚିମ ଓଡ଼ିଶାର ନୂଆଁଖାଇ, ଶୀତଳଷଷ୍ଠୀ, ସମ୍ବଲପୁରୀ ବାନ୍ଧ, ସମ୍ବଲପୁରୀ ନୃତ୍ୟ ଉପରେ ଗୋଟିଏ ଲେଖାଏଁ ଡାକ ଟିକେଟ ଏବଂ ଧନୁଯାତ୍ରା ଉପରେ ଦୁଇଟି ଡାକ ଟିକେଟ ଉନ୍ମୋଚନ କରିଥିଲେ । ଏହାସହ କେନ୍ଦ୍ରମନ୍ତ୍ରୀ ୫ ଜିଲ୍ଲାର ସମ୍ବଲପୁର, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର ୪୨ଟି ଡାକଘରର ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ରଙ୍କ ସମେତ ରେଙ୍ଗାଲି ବିଧାୟକ ନାଉରୀ ନାଏକ ଏବଂ ଜିଲ୍ଲା ବିଜେପି ସଭାପତି ଗିରିଶ ପଟେଲ ମଞ୍ଚାସୀନ ଥିଲେ ।

## ସମ୍ବଲପୁରରେ 'ମେରୁ ଉତ୍ସବ'



ସମ୍ବଲପୁର : କୁଚିଣ୍ଡାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅଭୟ ଆର୍ଟ ଏକାଡେମୀ ପକ୍ଷରୁ 'ମେରୁ ଉତ୍ସବ' ପାଳିତ ହୋଇଯାଇଛି । ଏଥିରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ପଦ୍ମଶ୍ରୀ କ୍ରିଷ୍ଣା ପଟେଲ, ଦେବଦତ୍ତ ମିଶ୍ର, ସୌଗତା ଷଡ଼ଙ୍ଗୀ, ଅନୁଷ୍ଠାନର ଟ୍ରଷ୍ଟି ଅର୍ଜୁନ ସାହୁ, କଳା ଓ ସଂସ୍କୃତି ଗବେଷକ ମୋହନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସାଧନା ପାଇଁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଶବ୍ଦନୃତ୍ୟ ଗୁରୁ ଭାଗବତ ପ୍ରଧାନଙ୍କୁ 'ମେରୁ ଜୀବନବ୍ୟାପୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ଏଥିସହ ସାହିତ୍ୟ ସାଧନା ନିମନ୍ତେ ପଦ୍ମଶ୍ରୀ ବିନୋଦ ପଶାୟତ, ସମ୍ବଲପୁରୀ ଲୋକନୃତ୍ୟରେ ଗୁରୁ ରଂଜିତ ନାଗ, ସଙ୍ଗୀତ ପାଇଁ ତୁଳାରାମ କଲେତଙ୍କୁ 'ମେରୁ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ଭୁବନେଶ୍ୱରରୁ ଆସିଥିବା ଗାନ୍ଧବୀକା ଅନୁଷ୍ଠାନ ଦ୍ୱାରା ଓଡିଶୀ ନୃତ୍ୟ, ଛାଉଣୀ ଅନୁଷ୍ଠାନ ଦ୍ୱାରା ଛଉ ନୃତ୍ୟ, ବଜନିଆ ସମ୍ବଲପୁର ଏବଂ ଅସୀମ ପ୍ରଧାନ ଓ ସାଥୀଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ସସ୍ମିତା ପଟ୍ଟନାୟକ ଓ ଅଞ୍ଜନ ପ୍ରଧାନ ପରିଚାଳନା କରିଥିଲେ । ଅନୁଷ୍ଠାନର ସଭାପତି ପଙ୍କଜିନୀ ସାହୁ ଏବଂ ଓଡିଶୀ ନୃତ୍ୟଶିଳ୍ପୀ ରିଙ୍କୁ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୬୬ ତମ ଜୟନ୍ତୀ ପାଳିତ



ଭୁବନେଶ୍ୱର : ବରୀ ବ୍ଲକର ଗୋଳକୁଣ୍ଡର ଅଭିମନ୍ୟୁ ସାଂସ୍କୃତିକ ପରିଷଦ ପକ୍ଷରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୬୬ତମ ଜୟନ୍ତୀ



ପାଳିତ ହୋଇଯାଇଛି । ପରିଷଦର ଅଧ୍ୟକ୍ଷ ବରିଷ୍ଠ ପ୍ରଶାସକ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ହାଇକୋର୍ଟର ବିଚାରପତି ଶଶୀକାନ୍ତ ମିଶ୍ର ମୁଖ୍ୟ ଅତିଥି ଓ ବିଶିଷ୍ଟ ବାଗ୍ମୀ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କବିଙ୍କର ଜୀବନୀ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ପରିଷଦ ଦ୍ୱାରା ପ୍ରକାଶିତ 'ବ୍ରାହ୍ମୀ' ପତ୍ରିକା ଉନ୍ମୋଚିତ ହୋଇଥିଲା । ବିଜୟ କୁମାର ମଲ୍ଲଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ପରିଷଦର ସଂପାଦକ ଦିଲ୍ଲୀପ କୁମାର ଜେନା ବିବରଣୀ ପାଠ କରିଥିବା ବେଳେ ବିଜୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋପାଳ ସହସ୍ରନାମ ପାଠର ଉଦ୍‌ଯାପନୀ

ସମ୍ବଲପୁର : ସ୍ଥାନୀୟ ମହାନ୍ତିପଡ଼ାସ୍ଥିତ ଦଧିବାମନ ମନ୍ଦିରରେ ମହିଳାମାନଙ୍କ ଦ୍ୱାରା ଗତ ୧ବର୍ଷ ହେବ ସୁଶ୍ରୀ ପ୍ରମିଳା ବହିଦାରଙ୍କ ନେତୃତ୍ୱରେ ପ୍ରତ୍ୟେକ ପୂର୍ଣ୍ଣିମା ତିଥିରେ ହୋଇ ଆସୁଥିବା ଗୋପାଳ ସହସ୍ରନାମ ପାଠର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜିତ ହୋଇଥିଲା । ଏହାଛଡ଼ା ୧ ଲକ୍ଷ ତୁଳସୀ ଶ୍ରୀ ଗୋପାଳଙ୍କୁ ଅର୍ପଣ କରାଯାଇଥିଲା । କଣ୍ଟାବାଞ୍ଜିର ମହନ୍ତ ଶ୍ରୀ ଅଦ୍ୱୈତ ଦାସ ପ୍ରବଚନ ଦେଇଥିଲେ । କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥଙ୍କ ସମେତ ଭକ୍ତବୃନ୍ଦ ଯୋଗ ଦେଇଥିଲେ ।

## ରାଜ୍ୟ ଅଭିଲେଖାଗାରରେ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ



ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୭୪ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ଅବସରପ୍ରାପ୍ତ କାର୍ଯ୍ୟକ୍ରମ ମୁଖ୍ୟ ତଥା ଭୁବନେଶ୍ୱର ଭଞ୍ଜଭାରତୀର ସଭାପତି ନୀଳାଦ୍ରି ମୋହନ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମାନରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ତଥା ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଶ୍ରୀମତୀ ବନାନୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଜିଏମୟୁର ଅର୍ଥନୀତି ବିଭାଗରେ ବିଶେଷ ବକ୍ତୃତା




ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ସ୍କୁଲ ଅଫ୍ ଅର୍ଥନୀତି ବିଭାଗରେ ଅନଫୋର୍ସଡ୍ ଏରର ଏବଂ ମ୍ୟାଗନିଫିକେଣ୍ଟ ସଟ୍‌ସ ଶୀର୍ଷକରେ ଏକ ସ୍ୱତନ୍ତ୍ର ବକ୍ତୃତା ଆୟୋଜିତ ହୋଇଛି । ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଡକ୍ଟର ଅନୁପ କୁମାର ପୂଜାରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅର୍ଥନୀତି ବିଭାଗର ମୁଖ୍ୟ ଡକ୍ଟର ଉମାଚରଣ ପତି କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଜିଏମୟୁ କୁଳପତି ପ୍ରଫେସର ଏନ୍.ନାଗାରାଜୁ ମଧ ଭାଷଣ ଦେଇଥିଲେ । ଅର୍ଥନୀତି ବିଭାଗ ସହକାରୀ ପ୍ରଫେସର ଡକ୍ଟର ସୁରଜ ବଦାଏକ ଅତିଥି ପରିଚୟ ଦେଇଥିବା ବେଳେ ଡକ୍ଟର ପ୍ରିୟଦର୍ଶିନୀ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra